**୧୯ ବର୍ଷରୁ କମ୍ ଦିନିକିଆରେ ଦ୍ରୁତତମ ଶତକ ହାସଲ କଲେ ସୂର୍ଯ୍ୟବଂଶୀ**




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୫୯ ● ୭ ଜୁଲାଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-159 ● 7th July 2025, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ମହଣ ମହଣ ସୁନାରେ ଝଲସିଲେ ଶ୍ରୀଜୀଉ







**ପୁରୀ ୦୬। ୦୭**
**ନ୍ୟୁଜ ବ୍ୟୁରୋ**

ବିଶ୍ୱନିୟନ୍ତା ଲୀଳାମୟଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର । ଲୀଳାମୟଙ୍କ ମାନବୀୟ ଲୀଳାଖେଳା ଚାଲିଛି । ଭାବର ଠାକୁର କାଳିଆ । କାଳିଆ ଭକ୍ତି ଭାବରେ ବନ୍ଧା । କାଳିଆର ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପାଲଟିଛି ଭକ୍ତମୟ, ଜନସମୁଦ୍ର । ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡଦାଣ୍ଡରେ ବଡଦେଉଳ ଭିତରେ ବଡଠାକୁର ବିଶ୍ୱବିଦିତ ଜଗତକର୍ତ୍ତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଅନ୍ୟତମ ଆକର୍ଷଣ ହେଉଛି ସୁନାବେଶ । ଶୃଙ୍ଗାର ପ୍ରିୟ ଠାକୁରଙ୍କ ଚବିଶ ବେଶ ମଧ୍ୟରେ ଶ୍ରୀମନ୍ଦିରରେ ବାଇଶିଟି ବେଶ ହୋଇଥାଏ । ମହାପ୍ରଭୁଙ୍କ ବେଶ ମଧ୍ୟରେ ସୁନାବେଶ ଅତ୍ୟନ୍ତ ଦୁର୍ଲଭ । ଶ୍ରୀମନ୍ଦିରରେ ବିଜୟାଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମାରେ ମଧ୍ୟ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଆଷାଢ ଶୁକ୍ଳ ଏକାଦଶୀ ଦିନ ଶ୍ରୀମନ୍ଦିର ସିଂହଦ୍ୱାରରେ ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଅତ୍ୟନ୍ତ ମହନୀୟ। ଏହି ଚିତାକର୍ଷକ ତଥା ନୈସର୍ଗିକ ବେଶକୁ ଅପଲକ ନୟନରେ ଅବଲୋକନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରୁଣ୍ଡ ହୋଇଛନ୍ତି ବଡଦାଣ୍ଡରେ । ମାର୍କେଟ ଛକ ଠାରୁ ବ୍ୟାରିକେଡ ଭିତରେ ଭକ୍ତ ମାନେ ଶୃଙ୍ଖଳିତ ଭାବେ ଯାଇ ରଥାରୁଢ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରି ଫେରିଛନ୍ତି । ପାଣି ସିଞ୍ଚନ ସହ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଛି ସିଂହଦ୍ୱାର ଓ ବଡଦାଣ୍ଡ ।

ରବିବାର ଆଷାଢ ଶୁକ୍ଳ ଏକାଦଶୀ ତିଥିରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ ଫୋର୍ସ, ମନ୍ଦିର ଗାରଦ ଓ କର୍ମଚାରୀଙ୍କ ସହାୟତାରେ ତିନିରଥ ଉପରକୁ ଭଣ୍ଡାର ଘରୁ ସୁନାବେଶ ପାଇଁ ସାମଗ୍ରୀ ଆଣିଥିଲେ। ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଲୁଛ, ଭିତରଛ ସେବକ ମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କୁ ସୁନାବେଶ କରିଥିଲେ। ଅଳଙ୍କାର ମଧ୍ୟରେ ବଡଠାକୁର ଶ୍ରୀବଳଭଦ୍ରଙ୍କ ଶ୍ରୀପୟର, ଶ୍ରୀଭୂଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, (ଆୟୁଧ) ହଳ ଓ ମୂଷଳ ବାହାଡା ମାଳି, ବାଘନଖ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି । ସେହିପରି ଦେବୀ ମା'ସୁଭଦ୍ରାଙ୍କ କିରୀଟ, ଓଡ଼ିଆଣି, ଚନ୍ଦ୍ର ସୂର୍ଯ୍ୟ, ଘାଗଡା ମାଳି, କଦମ୍ବ ମାଳି, ୨ ଟି ତଗଡି, ସେବତି ମାଳି ଆଦି ପରିଧାନ କରି ଭକ୍ତଜନଙ୍କୁ ଦର୍ଶନ ଦେଇଥିଲେ। ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଳଙ୍କାର ମଧ୍ୟରେ କିରୀଟ, ଶ୍ରୀଭୂଜ, ଶ୍ରୀପୟର, ଓଡ଼ିଆଣି, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, (ଆୟୁଧ) ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ହରିଡା, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତି ମାଳି, ତ୍ରିଖଣ୍ଡିକା କମରପଟି। ସୁନାବେଶ ଥାଇ ଠାକୁରମାନଙ୍କର ରାତ୍ରରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ସିଂହଦ୍ୱାର ଠାରେ ଶ୍ରୀବିଗ୍ରହମାନଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ । ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶାନ୍ତ ଶୃଙ୍ଖଳା ସହ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସନ୍ଧ୍ୟା ୬ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଠାକୁରମାନଙ୍କର ସୁନାବେଶ ଭକ୍ତମାନଙ୍କୁ ଅପାର ଆନନ୍ଦ ଦେଇଥିବା ପରିଲକ୍ଷିତ ହୋଇଥିଲା । ସୁବର୍ଣ୍ଣ ଆଭୂଷଣରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା। ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶକୁ ରାଜାଧିରାଜ ବେଶ ବା ରାଜା ବେଶ ଓ ରାଜରାଜେଶ୍ୱର ବେଶ ବୋଲି ମଧ୍ୟ କୁହାଯାଏ। ସକାଳୁ ତିନି ରଥ ଉପରେ ଦୈନନ୍ଦିନ ନୀତି କରାଯାଇ ମଧ୍ୟାହ୍ନ ଧୂପ ଓ ମଇଲମ ନୀତି ପରେ ମହଣ ମହଣ ସୁନାରେ ବିଭୂଷିତ ହୋଇଥିଲେ ଶ୍ରୀଜୀଉ। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ସୁନାବେଶ ଦେଖିବା ପାଇଁ ରବିବାର ସକାଳୁ ସକାଳୁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇ ଉଠିଥିଲା। ରାତ୍ର ୧୧ଟା ପର୍ଯ୍ୟନ୍ତ ସୁନା ବେଶ ମଇଲମ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ ହୋଇଛି। ଠାକୁରମାନଙ୍କର ଏହି ଦୁର୍ଲ୍ଲଭ ବେଶ ଜନସାଧାରଣ ଯେପରି ସୁବିଧାରେ ଦର୍ଶନ କରିପାରିବେ ସେନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଦାରୁଦିଅଁଙ୍କ ସମ୍ମୁଖରେ ସେବକ ଦଣ୍ଡାୟମାନ ହୋଇ ଦର୍ଶନ ଅବରୋଧ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଦଇତାପତି ସେବକମାନେ ଏନେଇ ଯତ୍ନବାନ ହେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଅବରୋଧ ମୁକ୍ତ ଦର୍ଶନ ପାଇଁ ଦଇତାପତି ନିଯୋଗ କର୍ମକର୍ତ୍ତା ତତ୍ପରତା ଦେଖାଇଥିଲେ । ରଥରେ ମୋବାଇଲ୍ ଓ କ୍ୟାମେରା ବ୍ୟବହାର *(ପୃଷ୍ଠା ୭ରେ)*

## ବନ୍ୟାଜଳରେ ଭାସିଗଲେ ୨୭ ଶିଶୁ, ମୃତ୍ୟୁ ସଂଖ୍ୟା ୫୦କୁ ବୃଦ୍ଧି

**ନୂଆଦିଲ୍ଲୀ, ୬।୭**

ଆମେରିକାର ଦକ୍ଷିଣ-କେନ୍ଦ୍ରାଞ୍ଚଳସ୍ଥିତ ଟେକ୍ସାସ ରାଜ୍ୟର କେର କାଉଣ୍ଟିରେ ପ୍ରବଳ ବର୍ଷା ପରବର୍ତ୍ତୀ ବନ୍ୟା ଯୋଗୁ ସାଂଘାତିକ ଅବସ୍ଥା ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୫୦ ଜଣଙ୍କ ମୃତ୍ୟୁ ଘଟିଛି। ୨୭ ଶିଶୁ ବନ୍ୟାଜଳରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଯାହାଫଳରେ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଅପରେସନ ଚାଲିଛି। କେର କାଉଣ୍ଟିରେ ଏକ ଗ୍ରୀଷ୍ମକାଳୀନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୨୭ ଶିଶୁ ଅଂଶଗ୍ରହଣ କରିଥିଲେ। ପ୍ରବଳ ବର୍ଷା ଯୋଗୁ ହଠାତ ବନ୍ୟା ଆସିଥିଲା। ୮ ମିଟର ଉଚ୍ଚତାରେ ବନ୍ୟାଜଳ ମାଡ଼ି ଆସିଥିଲା। ଫଳରେ ବହୁ ଲୋକଙ୍କ ଘରଦ୍ୱାର ଏବଂ ଯାନବାହନ ଭାସିଯାଇଥିଲା। ଗ୍ରୀଷ୍ମକାଳିନ ଶିବିରରେ ଥିବା ୨୭ ଶିଶୁ ବି ବନ୍ୟାଜଳରେ ଭାସିଯାଇଛନ୍ତି। ସେମାନଙ୍କ ପତ୍ତା ମିଳିନାହିଁ। ଉକ୍ତ ଅଞ୍ଚଳରେ ଏବେ ବି ବର୍ଷା ଜାରି ରହିଛି ।

### ବ୍ରାଜିଲ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ

## ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନର ମିଳିତ ମୁକାବିଲା ପାଇଁ ମୋଦୀଙ୍କ ଆହ୍ୱାନ

**ରିଓ ଡି ଜେନେରିଓ,୦୬।୦୭**

ବ୍ରାଜିଲ୍‌ରେ ଅନୁଷ୍ଠିତ ହୋଇଥିବା ୧୭ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ସମ୍ମିଳନୀରେ ଶ୍ରୀ ମୋଦୀ ଆତଙ୍କବାଦୀ ଓ ବିଶ୍ୱ ଜଳବାୟୁ ପରିବର୍ତ୍ତନର ମିଳିତ ମୁକାବିଲା ପାଇଁ ସଭ୍ୟ ରାଷ୍ଟ୍ରଗୁଡିକୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ମୋଦୀ ଏବେ ୫ ଦେଶ ଗସ୍ତରେ ଅଛନ୍ତି। ଅର୍ଜେଣ୍ଟିନା ଗସ୍ତ ପରେ ବ୍ରାଜିଲରେ ପହଞ୍ଚି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହା ଶ୍ରୀ ମୋଦୀଙ୍କର ଚତୁର୍ଥ ବ୍ରାଜିଲ *(ପୃଷ୍ଠା ୭ରେ)*



### ଏଜବାଷ୍ଟନରେ ଇତିହାସ ରଚିଲା ଭାରତ

## ଇଂଲଣ୍ଡକୁ ହରାଇ ବିଦେଶ ମାଟିରେ ହାସଲ କଲା ବୃହତ ବିଜୟ

**ଏଜବାଷ୍ଟନ, ୬।୭**

ଯେଉଁ କାମ ସୁନୀଲ ଗାଭାସ୍କରଙ୍କଠୁ ନେଇ ଧୋନୀ ଏବଂ କୋହଲି କରିପାରି ନ ଥିଲେ ସେହି କାମ କରି ଦେଖାଇଛନ୍ତି ଶୁଭମନ ଗିଲ୍। ଏଜବାଷ୍ଟନରେ ୫୮ ବର୍ଷ ମରୁଡିର ଅନ୍ତଘଟାଇ ଐତିହାସିକ ବିଜୟ ହାସଲ କରିଛି ଭାରତୀୟ ଦଳ। ଘରୋଇ ଇଂଲଣ୍ଡକୁ ହରାଇ ଏଜବାଷ୍ଟନରେ ଜିତିଛି ପ୍ରଥମ ଟେଷ୍ଟ। ଅଧିନାୟକ ଶୁଭମନ ଗିଲ୍‌ଙ୍କ ଐତିହାସିକ ଇନିଂସ ସହ ଆକାଶ ଦୀପଙ୍କ ଘାତକ ବୋଲିଂ ବଳରେ ଭାରତ ଘରୋଇ ଇଂଲଣ୍ଡକୁ ଦ୍ୱିତୀୟ ଟେଷ୍ଟରେ ୩୩୬ ରନରେ ହରାଇଛି। ବିଜୟ ସହ *(ପୃଷ୍ଠା ୭ରେ)*




## ହୀରାକୁଦର ୨୦ ଗେଟ୍ ଖୋଲିଲା : ଛଡ଼ାଗଲା ବର୍ଷର ପ୍ରଥମ ବନ୍ୟାଜଳ



**ସମ୍ବଲପୁର,୦୬।୦୭**
**ନ୍ୟୁଜ ବ୍ୟୁରୋ**

ପୂଜାର୍ଚ୍ଚନା ପରେ ଖୋଲିଲା ହୀରାକୁଦ ଗେଟ୍। ଜଳଭଣ୍ଡାରୁ ମହାନଦୀକୁ ଛଡ଼ାଗଲା ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ୍‌ର ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକମାନଙ୍କୁ ସତର୍କ କରାଯିବା ସହ *(ପୃଷ୍ଠା ୭ରେ)*

## ରାଜ୍ୟ ବିଜେପି ସଭାପତି ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ : ଆଜି ନାମାଙ୍କନ

**ଭୁବନେଶ୍ୱର, ୬।୭**
**ନ୍ୟୁଜ ବ୍ୟୁରୋ**

ବିଜେପି ରାଜ୍ୟ ସଭାପତି ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି। ସୋମବାର ନାମାଙ୍କନର ଦିନ। ଆବଶ୍ୟକ ପଡ଼ିଲେ ୮ ତାରିଖରେ ହେବ ନିର୍ବାଚନ। ସୋମବାର ନାମାଙ୍କନ ପରେ ନିର୍ବାଚନ ନା ସହମତିରେ ସଭାପତି ସ୍ପଷ୍ଟ ହେବ। ଏଥିପାଇଁ ରବିବାର ବିଜେପି ରାଜ୍ୟ ପ୍ରଭାରୀ ବିଜୟ ସିଂପାଲ ତୋମାର ଓଡ଼ିଶାରେ ପହଞ୍ଚିଛନ୍ତି। ସୋମବାର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଜେ.ପି ସିଂ ଓଡ଼ିଶା ଆସିବେ। ତେବେ ଗ୍ରାଉଣ୍ଡ ଜିରୋରେ ସବୁ ନେତାଙ୍କୁ ସାଙ୍ଗରେ ନେଇ ଚାଲିବା ଏବଂ ମ୍ୟାନେଜ୍ କରିବାର ଦକ୍ଷତା ଥିବା ନେତାଙ୍କୁ ମିଳିପାରେ ଗୁରୁତ୍ୱ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଯିଏବି ସଭାପତି ହେବେ ତାଙ୍କ ପାଇଁ ଏହା *(ପୃଷ୍ଠା ୭ରେ)*

## ସୃଷ୍ଟି ହେଲା ଆଉ ଏକ ଲଘୁଚାପ : ଅତି ପ୍ରବଳ ବର୍ଷା ନେଇ ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

**ଭୁବନେଶ୍ୱର, ୬।୭**
**ନ୍ୟୁଜ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅତି ପ୍ରବଳ ବର୍ଷା ନେଇ ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି *(ପୃଷ୍ଠା ୭ରେ)*

### ଟ୍ରମ୍ପଙ୍କୁ ସିଧା ଟକ୍କର ଦେବେ ଏଲନ ମସ୍କ

## ନୂଆ ଦଳ କଲେ ଘୋଷଣା : ନାମ ରଖିଲେ 'ଆମେରିକା ପାର୍ଟି'



**ନୂଆଦିଲ୍ଲୀ,୦୬।୦୭**

ଦିନେ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସହାୟତା କରୁଥିଲେ । ସବୁବେଳେ ସାଥିରେ ଥିଲେ । ହେଲେ ଏବେ ବିରୋଧରେ ଛିଡା ହୋଇଛନ୍ତି ଏଲନ ମସ୍କ । ଏବେ ରାଜନୈତିକ ମୈଦାନରେ ଟ୍ରମ୍ପଙ୍କୁ ସିଧା ଟକ୍କର ଦେଇଛନ୍ତି ଏଲନ ମସ୍କ । ସେ 'ଆମେରିକା ପାର୍ଟି' ନାମରେ ଗଢିଛନ୍ତି ନୂଆ ଦଳ । ଟ୍ରମ୍ପଙ୍କ 'ୱାନ୍ ବିଗ୍ ବିୟୁଟିଫୁଲ ବିଲ୍' ଆଇନ୍‌ରେ ପରଣତ ହେବା ପରେ ଏହି ନିଷ୍ପତ୍ତି ନେଇଛନ୍ତି ମସ୍କ । ୱାନ୍ ପାର୍ଟି ସିଷ୍ଟମରୁ ଆମେରିକାବାସୀଙ୍କୁ ମୁକ୍ତି ଦେବେ ବୋଲି ଦଳ ଘୋଷଣା କରି କହିଛନ୍ତି ଟେସଲା ସିଇଓ ଏଲନ ମସ୍କ । ରାଜନୈତିକ ଦଳ ଗଠନ ନେଇ ୭୫ ପ୍ରତିଶତ ଲୋକଙ୍କ ସମର୍ଥନ ମିଳିଥିଲା । ଆମେରିକାରେ ତୃତୀୟ ରାଜନୈତିକ ଦଳ ବିଷୟରେ କଳ୍ପନାଜଳ୍ପନାର ଅନ୍ତ ହୋଇଛି। କୋଟିପତି ଏଲନ ମସ୍କ ତାଙ୍କର ନୂତନ ରାଜନୈତିକ ଦଳ ଗଠନ କରିଛନ୍ତି । ଯାହାର ନାମ ରଖିଛନ୍ତି 'ଆମେରିକା ପାର୍ଟି' । ୱାନ୍ ପାର୍ଟି ସିଷ୍ଟମରୁ ଆମେରିକାବାସୀଙ୍କୁ ମୁକ୍ତି ଦେଇ ସ୍ୱାଧୀନତା ଫେରାଇ ଆଣିବେ *(ପୃଷ୍ଠା ୭ରେ)*

### ବଦଳିଲା ୬୦ ବର୍ଷର ପୁରୁଣା ନିୟମ

## ସୁପ୍ରିମକୋର୍ଟରେ ଓବିସିଙ୍କୁ ମିଳିବ ସଂରକ୍ଷଣ



**ନୂଆଦିଲ୍ଲୀ,୦୬।୦୭**

୬୦ ବର୍ଷର ନିୟମ ବଦଳାଇଲେ ସିଜେଆଇ । ସୁପ୍ରିମକୋର୍ଟରେ ପ୍ରଥମ ଥର ଅନ୍ୟ ପଛୁଆ ବର୍ଗ ବା ଓବିସିଙ୍କ ପାଇଁ କର୍ମଚାରୀଙ୍କ ନିଯୁକ୍ତିରେ ସଂରକ୍ଷଣ ଘୋଷଣା କରାଯାଇଛି। ପୂର୍ବତନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ବର୍ତ୍ତମାନର ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱରେ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି। ତେବେ ଜାରି ହୋଇଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଧାରା ୧୪୬ (୨) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ୧୯୬୧ର ସୁପ୍ରିମକୋର୍ଟ ସେବା ଓ ଆଚରଣ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୭ ଜୁଲାଇ, ସୋମବାର ୨୦୨୫





# ଲଗାଣ ବର୍ଷାରେ ଉଜୁଡ଼ିଛି ଧାନତଳି : ଚିନ୍ତାରେ ଚାଷୀ

**ବାସୁଦେବପୁର, ନ୍ୟୁଜ୍‌ବ୍ୟୁରୋ**



ଲାଗିରହିଥିବା ଲଗାଣ ବର୍ଷା କାରଣରୁ ଗରମରୁ ଆଶ୍ୱସ୍ତି ମିଳିଛି ସିନା ଧାନଚାଷୀମାନଙ୍କ ପାଇଁ ଆଣିଦେଇଛି ଦ୍ୱିଗୁଣ ଦୁଃଖ। ବର୍ଷା ଆରମ୍ଭରୁ ଚାଷୀ ଉପରେ ଦୈବୀ ଚଡ଼କକୁ ନେଇ ସବୁଠି ଧାନଚାଷ ପାଇଁ ଆଶଙ୍କା ଦେଖାଦେଇଛି। ଲଗାତର ଭାବେ ଚାରିଦିନ ଧରି ବର୍ଷା ଲାଗିରହିବା କାରଣରୁ ଧାନତଳି ଦୁଇଫୁଟରୁ ତିନିଫୁଟ ପାଣିରେ ବୁଡ଼ି ରହିବା ପରେ ଏବେ ଚାଷୀ ଧାନତଳିରୁ ପାଣିବାହାର କରିବାରେ ଚାଷୀ ଲାଗି ପଡିଛି ତ କେଉଁଠି ଧାନତଳି ପଚିଯାଇ ନଷ୍ଟ ହେବା ପରେ ନୂଆ ବିହନ ବୁଣିବାରେ ଲାଗି ପଡ଼ିଛି ଚାଷୀ। ଧାନଚାଷୀମାନେ ଉନ୍ନତ କିସମର ବିହନ ବୁଣିଥିବା ବେଳେ ଏବେ ପାରମ୍ପରିକ ବିହନକୁ ଭରସା କରିଛି। ବାସୁଦେବପୁର ବ୍ଲକରେ କଞ୍ଚୁଡି, ଧଳା, କାଂଶବାଂଶ ଓ ମନ୍ତେଇ ନଦୀ ପ୍ରବାହୀତ ହେଉଥିବା କାରଣରୁ ଏବେ ଧିରେଧିରେ ତଳ ମୁଣ୍ଡରେ ନଦୀର ଜଳସ୍ତର ବଢିବାରେ ଲାଗିଛି। ଯାହାକୁ ନେଇ ଚିନ୍ତାରେ ପଡ଼ିଛି ଧାନଚାଷୀ। ନଦୀ ଘେରତରେ କାଂଶବାଂଶ ନଦୀରେ ଜଳସ୍ତର ବଢିବାକୁ ନେଇ ସୁଦର୍ଶନପୁର, ଆର୍ଡୁଂ, ପଦୁଆଁ, ଇରମ, ନୂଆଗାଁ, ଜଗନ୍ନାଥପୁର, ଚୂଡ଼ାମଣୀ, ଅଢୁଆଁ ଓ କୁମାରପୁର ଅଞ୍ଚର ଚାଷୀ ଚିନ୍ତାରେ ରହିଥିବା ବେଳେ ପୌରପାଳିକାର ଭୈରବପୁର ଧାନଚାଷୀଙ୍କ କ୍ଷେତ୍ରରେ ଉକ୍ତ ସମସ୍ୟା ଦେଖାଦେଇଛି । କଞ୍ଚୁଡି, ଧଳା ଓ ମନ୍ତେଇ ନଦୀର ଜଳସ୍ତର ବଢିବାକୁ ନେଇ ପଦ୍ମପୁର, ସୁଗୋ, ଏଡତାଳ, ମାରଗାଁ, ଲୁଙ୍ଗା, ବିନାୟକପୁର, ବାଲିମେଦ, ଜଗନ୍ନାଥପ୍ରସାଦ, କରଞ୍ଜଆଡିଆ, ନାଇକାଣିଡିହ, ବିଦେଇପୁର, ବିରସ, କୃଷ୍ଣପୁର, ସାନକୃଷ୍ଣପୁରଆଦି ପଞ୍ଚାୟତରେ ସମାନ ଅବସ୍ଥା ଲାଗି ରହିଛି। ଧାନତଳି ନଷ୍ଟ ହେବା ପରେ ଉନ୍ନତ କିସମର ବିହନ କିଣିବାକୁ ଚାଷୀ ଅଣ୍ଟାରେ ବଳନାହିଁ। ଏହାର ସୁଯୋଗରେ ବେନାମୀ କମ୍ପନୀର ବିହନ ଅଥବା ବିହନ କଳାବଜାରୀର ଆଶଙ୍କା ଦେଖାଦେଇଛି। ସରକାରୀ ଦରଠାରୁ ଅଧିକ ଦରରେ କେତେକ ଚାଷୀ ବିହନ କିଣିବାକୁ ବାଧ ହୋଇଛନ୍ତି ବୋଲି ଜାଣିବାକୁ ମିଳିଛି। କୃଷିବିଭାଗ ପକ୍ଷରୁ ମାଗଣାରେ ବିହନ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବାସୁଦେବପୁର କୃଷି ଅଧିକାରିଣୀ ନିହାରିକା ଦଳେଇ କୁହନ୍ତି, ଚାଷୀମାନଙ୍କୁ ବିହନ ଯୋଗାଇ ଦେବାପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏବେକାର ସ୍ଥିତିକୁ ନେଇ କୌଣସି ପ୍ରକାରର ନିର୍ଦ୍ଦେଶ ଆମ ପାଇଁ ଆସିନି, ବିହନ କଳାବଜାରୀ ରୋକାଯିବା ଉପରେ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜରାଜୀର୍ଣ୍ଣ ଅବସ୍ଥାରେ ନୃସିଂହନାଥ ମଠ : ପୁନରୁଦ୍ଧାର ପାଇଁ ଦାବି

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**



ଶ୍ରୀକ୍ଷେତ୍ର ଭଳି ନୟାଗଡ଼ ଜିଲ୍ଲା ରଣପୁରରେ ଗୁଣ୍ଡିଚା ରାଣୀ ମନ୍ଦିର ନିକଟରେ ରହିଛନ୍ତି ନୃସିଂହନାଥ। ଜଗନ୍ନାଥ ମନ୍ଦିର ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରାଜା ରାଜୁଡ଼ା ଅମଳରୁ ନୃସିଂହନାଥ ମଠ ପରିଚାଳନା ପାଇଁ ଖଞ୍ଜି ଥିଲେ ବହୁ ସ୍ଥାବର ସମ୍ପତ୍ତି। ଯାହାକି ଏବେ ଦଧିବାମନ ମଠ ମହନ୍ତ ରାମ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ରହିଅଛି। ଏହାର ସତ୍ତ୍ୱାଧିକାର ରହିଛି ଦେବୋତ୍ତର ବିଭାଗ ହାତରେ। ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଯାହାକି ମାଟିରେ ମିଶିବ ବୋଲି ଲୋକେ ଆଶଙ୍କା ପ୍ରକଟ କରିଛନ୍ତି। ଅପରପକ୍ଷରେ ମଠ ସମ୍ପତ୍ତି ମହନ୍ତ ନିଜ ନାମରେ କରାଇଥିବା ଅଭିଯୋଗ ହେଉଛି। ମହନ୍ତ ରାମ ଚରଣ ଦାଶ କୁହନ୍ତି ଭୁଲବଶତଃ ତାଙ୍କ ବ୍ୟକ୍ତିଗତ ନାମରେ ନୃସିଂହନାଥ ମଠ ସମ୍ପତ୍ତି କିଛି ସମ୍ପତ୍ତି ହୋଇଯାଇଛି। ସେ ସଂଶୋଧନ ପାଇଁ ତହସିଲଦାରଙ୍କ ନିକଟରେ ଆବେଦନ କରିଛନ୍ତି। ଦେବୋତ୍ତର ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଡଃ ଆର୍ଯ୍ୟ କୁମାର ସର୍ବଦମନ କୁହନ୍ତି ନୃସିଂହନାଥ ମଠ ଅବସ୍ଥା ସମ୍ପର୍କରେ କମିଟିରେ ଆଲୋଚନା ହୋଇଛି। ରଥଯାତ୍ରା ପରେ ମହନ୍ତଙ୍କୁ ଡକାଇ ନୃସିଂହନାଥ ମଠ ମନ୍ଦିର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ। ମନ୍ଦିର ଅବସ୍ଥା ଭକ୍ତମାନଙ୍କ ଆବେଗକୁ କୁଠାରାଘାତ କରୁଛି। ଦେବୋତ୍ତର କମିଶନର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

# ବନ୍ଦ ହେଲା ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ବନ୍ଦ ହେଲା ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା ବନ୍ଦ କରିବା ପାଇଁ ବାରମ୍ବାର ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରୁଥିଲେ। ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣିରେ ମଧ୍ୟ ଟିକେଟ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା। ଦାବିକୁ ଗୁରୁତ୍ୱର ସହ ନେଇ ବନ୍ଦ କରାଯାଇ ଥିବା ବିଷୟ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ ଟେଣ୍ଡର ବ୍ୟବସ୍ଥା କରାଯାଇଥିଲା। ଏହି ଟେଣ୍ଡର ଚଳିତ ବର୍ଷ ଜୁନ ୨୪ ତାରିଖ ପର୍ଯ୍ୟନ୍ତ ଅବଧି ଶେଷ ଥିବାବେଳେ ଆଉ ଟେଣ୍ଡର ଡକାଯାଇନାହିଁ ବୋଲି ଦେବୋତ୍ତର ବିଭଗ ପକ୍ଷରୁ ସୂଚନା ରହିଛି। ସୂଚନା ଥାଉକି, ଗୁପ୍ତେଶ୍ୱର ପୀଠ ମୁଖ୍ୟ ପ୍ରବେଶ ଦ୍ୱାରରେ ବିନା ଟିକଟରେ ଠାକୁର ଦର୍ଶନ ହୋଇପାରୁ ନ ଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରିକି ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଆସି ଗୁପ୍ତେଶ୍ୱରଙ୍କ ଦର୍ଶନ କରୁଛନ୍ତି। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଏପରି ପ୍ରବେଶ ଟିକଟର ବ୍ୟବସ୍ଥା ନଥିବାବେଳେ କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥାକୁ ବିରୋଧ ହୋଇଆସୁଥିଲା। ପୂର୍ବରୁ ବହୁବାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ହିନ୍ଦୁ ସଂଗଠନ ଏବଂ କିଛି ବୁଦ୍ଧିଜୀବୀ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥାକୁ ବିରୋଧ କରି ଆସୁଥିଲେ ଏବଂ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ । ଜନ ସାଧାରଣଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା ବନ୍ଦ କରାଯାଇଛି ଓ ଟେଣ୍ଡର କରାଯାଇ ନାହିଁ। ଦେବୋତ୍ତର ବିଭାଗ ତରଫରୁ କମିଶନରଙ୍କୁ ଅବଗତି କରାଯିବ। ଏନେଇ ଜିଲ୍ଲା ପ୍ରଶାସନଙ୍କୁ ସାମାଜିକ ଗଣ-ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି।

## ଲାଞ୍ଜିଗଡ଼ ଶିକ୍ଷା ବିଭାଗର ଅଭିନବ ପଦକ୍ଷେପ

# ଅବସର ସମ୍ବର୍ଦ୍ଧନା ସହିତ ମିଳିଲା ପୂର୍ଣ୍ଣାଙ୍ଗ ପେନସନ



**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

ଦିନ ଥିଲା ଅବସର ନେବା ପରେ ବି ଅବସର ସମୟ ମିଳୁନଥିଲା। ଚାକିରି ଜୀବନ ପରେ ବି ନିଜ ସଞ୍ଚିତ ଅର୍ଥାତ ପେନସନ ରାଶି ପାଇବାକୁ ବେଶ୍ ଧାଁ ଦଉଡ଼ କରିବାକୁ ପଡୁଥିଲା। ଏପରିକି ଅବସର ପରେ ପେନସନ ଟଙ୍କା ପାଇବାକୁ ଜଣ ଜଣଙ୍କୁ ବର୍ଷ ବର୍ଷ ଧରି ହଇରାଣ ହରକତ ହେବାକୁ ପଡୁଥିଲା। ଏ ପରିସ୍ଥିତିରେ ବ୍ଲକର କିଡିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ଚାନ୍ଦଙ୍କୁ ଅବସର ନେବାର ମାତ୍ର ତିନିଦିନ ମଧ୍ୟରେ ପୂର୍ଣ୍ଣାଙ୍ଗ ପେନସନ ସମ୍ପର୍କିତ କାଗଜପତ୍ର ପ୍ରଦାନ କରି ଏକ ରେକର୍ଡ ସୃଷ୍ଟି କରିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗ। ବିଶ୍ୱନାଥପୁର ସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ସହିତ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ ସମ୍ପର୍କିତ କାଗଜାତ ହସ୍ତାନ୍ତର କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଯୋଗଦେଇ ଶ୍ରୀମତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ପୂର୍ଣ୍ଣାଙ୍ଗ ପେନସନ ସମ୍ପର୍କିତ କାଗଜାତ ହସ୍ତାନ୍ତର କରିଥିଲେ। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସଂଯୋଜକ ସୁଢଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଭଟାଙ୍ଗପଦର କ୍ଲଷ୍ଟର ସଂଯୋଜକ ସଭା ପରିଚାଳନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗର ଏହି ଅଭିନବ ପଦକ୍ଷେପକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ବିଶୁଦ୍ଧ ପାନୀୟ ଜଳ ସମସ୍ୟାକୁ ନେଇ ରାଜରାସ୍ତା ଅବରୋଧ

**ରାୟଗଡା, ନ୍ୟୁଜ୍‌ବ୍ୟୁରୋ**



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ପୁରୁଣା ବସ୍‌ଷ୍ଟାଣ୍ଡରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟାକୁ ନେଇ ରାଜରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ସଦରର ବଡ଼କୁମ୍ଭାର ସାହି, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ମାଳତୀ ସାହିର ଲୋକମାନେ ପ୍ରାୟ ତିନିମାସ ହେବ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ସେହି ଲୋକମାନେ ନାଗାବଳୀ ନଦୀର ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ହେଉଥିବା ଯୋଗୁଁ ନଦୀରେ ଗୋଳିଆ ପାଣି ଆସୁଛି। ତାହାକୁ ଆମେ ବାଧ ହୋଇ ବ୍ୟବହାର କରୁଛୁ। ଡାଇରିଆ, ମ୍ୟାଲେରିଆ, ହଇଜା, କୀଡ୍‌ନୀ ରୋଗ ହେବା ଆଶଙ୍କା କରି ଭୟଭୀତ ରହିଛନ୍ତି ବୋଲି କହିଛନ୍ତି। ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ, ମନ୍ତ୍ରୀଙ୍କୁ ଜଣାଇବା ପରେ ମଧ୍ୟ ଏଯାଏଁ ସମାଧାନ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି।

ଫଳରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ରହିଥିବା ଜାଣି ଲଘୁଚାପ ଜନିତ ବର୍ଷା ହୋଇଥିଲେ ମଧ୍ୟ ତିନୋଟି ସାହିର ମହିଳା ପୁରୁଷ ଏକତ୍ରିତ ହୋଇ ହାଣ୍ଡି, ବାଲ୍‌ତିଗୁଡ଼ିକ ଧରି ମୁଖ୍ୟ ଛକରେ ସକାଳ ୬ରୁ ୧୧ଟା ପ୍ରାୟ ପାଞ୍ଚ ଘଣ୍ଟା ଧରି ରାସ୍ତା ଅବରୋଧ କରି ବସି ରହିଥିଲେ। ସମସ୍ୟା ସମାଧାନ କରାନଗଲେ ରାସ୍ତାରୁ ହଟିବୁ ନାହିଁ ବୋଲି ଗୀତା କାଶୀ, ସାରୀ କାଶୀ, ତୁଳସୀ କାଶୀ, ମାଝୀଓ୍ୱାଣି ଓ୍ୱାଡକା, ଧାନମଣି କାଶୀ, ଭାନ କାଶୀ, ଚଞ୍ଚଳା କାଡ୍ରାକା, ରାଜେଶ୍ୱରୀ ହୁଇକା ନୀଲାଇ ହୁଇକା, ହିକକା ନିଲାଇ, ଚିନାରୀ ପ୍ରସ୍କା, ଆଲାଇ କୃଷିକା ପ୍ରମୁଖ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଜିଲ୍ଲାପାଳ ପାରୁଲ ପଟୱାରୀ, ଉପଜିଲାପାଳ ରମେଶ କୁମାର ଜେନା ଓ ପ୍ରଶାସନିକ ଅଧିକାରୀ ତହସିଲଦାର ରଞ୍ଜନ କୁମାର ମାନସେଠ, ବିଡ଼ିଓ ମନୀଷା ଦାସ ସମେତ ସ୍ଥାନୀୟ ଥାନା ଅଧିକାରୀ ନୀଳକଣ୍ଠ ବେହେରା ପ୍ରମୁଖ ରାସ୍ତା ଅବରୋଧକାରୀଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ। ଉପଜିଲାପାଳ ସାହି ସାହି ବୁଲି ଦେଖିବା ପରେ ତିନିଦିନ ମଧ୍ୟରେ ଜଳ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ବିଶୁଦ୍ଧ ପାନୀୟ ଆବଶ୍ୟକ ରହିଛି ବୋଲି କହିବାରୁ ବର୍ତ୍ତମାନ ଟାଙ୍କି ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ କହି ଯୋଗାଇ ଦିଆଯାଇଛି। ବ୍ଲକରେ ଥିବା ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ନୀଳିମା ପ୍ରିୟଦର୍ଶନୀ ଦାସ ଓ ସହକାରୀ ଯନ୍ତ୍ରୀ ବିଭୁତି ପଣ୍ଡାଙ୍କୁ ତୁରନ୍ତ ବଦଳି କରିବା ପାଇଁ ଜିଲ୍ଲା ଅଧିକାରୀଙ୍କୁ ଜଣାଇଥିଲେ। କଲ୍ୟାଣସିଂହପୁର ଠାରେ ପାନୀୟ ଜଳର ସମସ୍ୟା ଦୂର ହେବ ନାହିଁ ବୋଲି କହିଛନ୍ତି।

# ଦୟା ୱେଷ୍ଟ କେନାଲ ପୁନରୁଦ୍ଧାର ନେଇ ଅନିଶ୍ଚିତତା ଜାରି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦୟାୱେଷ୍ଟ କେନାଲର ପୁନରୁଦ୍ଧାର ନେଇ ସରକାରୀସ୍ତରରେ ଯୋଜନା ହେଉଛି। କିନ୍ତୁ ଯୋଜନା କେବେ କାର୍ଯ୍ୟକାରୀ ହେବ ତାହା ଅନିଶ୍ଚିତତାରେ ରହିଯାଉଛି। ଅନ୍ୟପଟେ କେନାଲକୁ ଦିନକୁ ଦିନ ଜବରଦଖଲ କରାଯାଉଛି। ଦିନେ ୫୦ ଫୁଟ୍ ଥିବା ଏହି କେନାଲ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହି ମାତ୍ର ୧୫ ଫୁଟରେ ସୀମିତ ରହିଛି। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଜବରଦଖଲ ହଟାଇବାକୁ ବିଭାଗୀୟ ଅଧିକାରୀଙ୍କ ବଳ ପାଉନାହିଁ। ଦୟାୱେଷ୍ଟ କେନାଲ ବାରଙ୍ଗ ନିକଟରେ ପୁରୀ କେନାଲରୁ ବାହାରି ଜଟଣୀ ପର୍ଯ୍ୟନ୍ତ ଯାଇଛି। ଏହି ୩୮ କିଲୋମିଟରର କେନାଲ ଏବେ ପ୍ରାୟତଃ ମୃତ ଅବସ୍ଥାରେ। କେନାଲକୁ ପୋତି ଜବରଦଖଲ କରାଯିବା ସହ ଦଳ, ପଙ୍କ କାଦୁଅ ଓ ଆବର୍ଜନା ସଫା ହେଉନଥିବାରୁ ପୋତି ହୋଇଯିବା ଅବସ୍ଥାରେ ଅଛି। କିଛି ସ୍ଥାନରେ ବିଏମ୍‌ସି ସିଧାସଳଖ ଆବର୍ଜନା ପାଣି ଛାଡ଼ି ଦେଉଥିବାରୁ କେନାଲର ପାଣି ଆଉ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଏହି କେନାଲକୁ ପୁନରୁଦ୍ଧାର କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ନିଷ୍ପତ୍ତି ହୋଇଥିଲା। ରିଟେନିଂ ୱାଲ, ବକ୍ସ କଲଭର୍ଟ ଓ ହ୍ୟୁମ୍ ପାଇପ୍, ଏହି ତିନିଟି ପ୍ରସ୍ତାବରୁ ଡିପିଆରରେ 'ହ୍ୟୁମ୍-ପାଇପ୍' ଚୂଡ଼ାନ୍ତ ହୋଇଥିଲା। ପୂର୍ତ୍ତ ବିଭାଗ ୪ଟି ପର୍ଯ୍ୟାୟରେ ୭୦୦ କୋଟିରୁ ଅଧିକ ଟଙ୍କାରେ ଏହି କାମ କରିବାକୁ ଚୂଡ଼ାନ୍ତ ହେଲା। କିନ୍ତୁ ତାହା କାର୍ଯ୍ୟକାରୀ ହେଲାନାହିଁ। ପୂର୍ତ୍ତ ବିଭାଗ ଜଣେ ଅଧିକାରୀଙ୍କ କହିବା ଅନୁସାରେ ଏହି ଯୋଜନା ସଫଳ ନହେବାର ଅନ୍ୟତମ କାରଣ ହେଉଛି ଜବରଦଖଲ। ରାସ୍ତା ଉପରେ ଗଢ଼ି ଉଠିଥିବା ବହୁ ବସ୍ତି କେନାଲକୁ ଜବରଦଖଲ କରି ଗଢ଼ିଉଠିଛି। ତା'ସହ ବହୁ ପ୍ରଭାବଶାଳୀ ବ୍ୟକ୍ତି କେନାଲକୁ ମାଡ଼ି ବସିଛନ୍ତି। ଖାଲି ଏତିକି ନୁହେଁ ତାଳଦଣ୍ଡା ଭଳି ଦୟାୱେଷ୍ଟରେ ନୌବିହାର ହେବ ବୋଲି ମଧ୍ୟ ଯୋଜନା ହୋଇଥିଲା। ତେଣୁ କେନାଲ ମାପଚୁପ ପାଇଁ ବ୍ୟବସ୍ଥା ହେବା ବେଳକୁ ଅଦୃଶ୍ୟ ଚାପରେ ପ୍ରକଳ୍ପ ବନ୍ଦ ହୋଇଗଲା। ରସୁଲଗଡ଼ ଗାଁଠାରୁ ଝାରପଡ଼ା ପର୍ଯ୍ୟନ୍ତ କେନାଲ ଭିତରେ ଘର କରାଯାଇଛି। କେନାଲକୁ ପୋତି ଗାଡ଼ି ରଖିବା ପାଇଁ ସ୍ଥାନ ବାହାର କରାଯାଇଛି। ଦୋକାନ ଘର ମଧ୍ୟ କରାଯାଇଛି। ପ୍ରତିଦିନ କେନାଲ କଡ଼ରେ ଥିବା ବସ୍ତିରେ ଗୋଟିଏ ପରେ ଗୋଟିଏ ଘର ଯୋଡ଼ି ହେଉଛି ଓ ବସ୍ତିର କଳେବର ବଢ଼ିବାରେ ଲାଗିଛି। ବଡ଼ଗଡ଼ ନିକଟରେ ତାରିଣୀ ବସ୍ତି, ଚିଲ୍ଲି ପୋଖରୀ ବସ୍ତି ସମ୍ପୂର୍ଣ୍ଣ ଭାବେ କେନାଲ ବନ୍ଧ ଉପରେ ଗଢ଼ି ଉଠିଛି। ସେହିପରି ସାମନ୍ତରାପୁର ଦେଇ ଜଟଣୀ ଯାଏ ଅଧିକାଂଶ ସ୍ଥାନରେ ଜବରଦଖଲ ରହିଛି। ଯାହାକୁ ହଟାଇବା ପାଇଁ ସରକାରଙ୍କ ବଳ ପାଉନି। ଭୋଟ୍ ରାଜନୀତି ଉଚ୍ଛେଦରେ ବାଧକ ସାଜୁଛି। ତେବେ ନୂଆ ସରକାର ଏଦଦିରେ ଉପଯୁକ୍ତ ପଦକ୍ଷେପ ନେଇ ଦୟାୱେଷ୍ଟ୍ କେନାଲକୁ ଜବରଦଖଲମୁକ୍ତ କରିବେ ବୋଲି ବୁଦ୍ଧିଜୀବୀମାନେ ଆଶ କରିଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଚଢଉ : ଜଣେ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ତରଗେଇ ଗ୍ରାମର ସୁନାଧର କମାର (୫୦) । ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ତରଗେଇ ଗ୍ରାମ ରାସ୍ତାରେ ଚଢଉ କରି ୯.୨ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଅଭିଯୁକ୍ତକୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ତରଫରୁ ସୂଚନା ଦିଆଯାଇଛି।

# ତେତେଲଖୁଣ୍ଟି ଗାଁରେ ଡ୍ରେନ୍ ଏବଂ କଂକ୍ରିଟ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଝରଣୀ ପଞ୍ଚାୟତ ଅନ୍ତର୍ଗତ ତେତେଲଖୁଣ୍ଟି ଗ୍ରାମରେ ତେତେଲଖୁଣ୍ଟି ବାସୁଦେବ ବାଗପଡ଼ା ଠାରୁ ଡ୍ରେନ୍ ଏବଂ କଂକ୍ରିଟ ରାସ୍ତା ନିର୍ମାଣ ନାମରେ ୧,୭୭,୫୬୬ ଟଙ୍କା ୧୫ତମ ସିଏଫ୍‌ସି ୨୦୨୪-୨୫ରେ ଖର୍ଚ୍ଚ କରାଯାଇଛି। କିନ୍ତୁ ସେହି ସ୍ଥାନରେ କେବଳ କଂକ୍ରିଟ ରାସ୍ତା ନିର୍ମାଣ କରି ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ତିଆରି କରାଯାଇଥିବା କଂକ୍ରିଟ ରାସ୍ତା ମଧ୍ୟ ଅତି ନିମ୍ନମାନର କାମ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ରାସ୍ତା ଉପରେ ପାଣି ଜମା ହୋଇରହିଛି। ଲୋକଙ୍କୁ ଯିବା ଆସିବା କରିବା ସମୟରେ ଅନେକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। କାଦୁଅ ପଚ୍‌ପଚ୍ ରାସ୍ତାରେ ପାଣି ହୋଇଯାଉଛି। ସେହି ପାଣିରେ ବିଭିନ୍ନ ପ୍ରକାର କୀଟ ପତଙ୍ଗ ବଂଶ ବିସ୍ତାର କରୁଛନ୍ତି। ରାଜ୍ୟ ସରକାର ଡାଇରିଆ ପାଇଁ ସମସ୍ତ ଜିଲ୍ଲାକୁ ସତର୍କ ରହିବାକୁ ଆଦେଶ ଦେଇଥିବା ବେଳେ ଏହି ଗ୍ରାମରେ ଡାଇରିଆକୁ ଆମନ୍ତ୍ରଣ କରାଯାଉଛି। କିଛିଦିନ ଆଗରୁ ଏହି ପଡ଼ାର ୪ ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଅତିଶୀଘ୍ର ଏହି ରାସ୍ତାକୁ ମରାମତି କରିବା ସହ ଡ୍ରେନ୍ ନିର୍ମାଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ସୂଚନା ଫଳକରେ ଡ୍ରେନ ଓ କଂକ୍ରିଟ ରାସ୍ତା ନିର୍ମାଣ ଉଲ୍ଲେଖ ରହିଥିବା ବେଳେ ଖାଲି କଂକ୍ରିଟ ରାସ୍ତା ନିମ୍ନମାନର ନିର୍ମାଣ କରି ସରକାରୀ ଅନୁଦାନ ଆତ୍ମସାତ କରିବା ଅଭିଯୋଗ ହେଉଛି। ଏହି ରାସ୍ତା ନିର୍ମାଣରେ ସଂପୃକ୍ତ ଥିବା ଠିକା ସଂସ୍ଥା ଏବଂ ଦୁର୍ନୀତି ଗ୍ରସ୍ତ ଅଫିସର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଦାବି ହେଉଛି।

# ଦ୍ରୁତ ଗତିରେ ଅବକ୍ଷୟ ହେଉଛି ଋଷିକୁଲ୍ୟା ମୁହାଣ ବେଳାଭୂମି

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଦଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ଦିନ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେଉଛି। ଯାହାଫଳରେ ବେଳାଭୂମି ନଷ୍ଟ ହେବାସହ ବଟେଶ୍ୱରଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତା ମଧ୍ୟ ଜୁଆର ମାଡ଼ରେ ଭାଙ୍ଗିଗଲାଣି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ମଧ୍ୟ ସୃଷ୍ଟି ହୋଇଛି। ସମୁଦ୍ର କୂଳ ଲଙ୍ଘିବା ସହ ବେଳାଭୂମି ସମ୍ପୂର୍ଣ୍ଣ ନଷ୍ଟ ହେଲାଣି, ଯାହାକୁ ନେଇ ଚିନ୍ତା ପ୍ରକଟ କଲେଣି ବୁଦ୍ଧିଜୀବୀ ଓ ପରିବେଶବିତ୍। ମୁଖ୍ୟତଃ ଭାବେ ଗୋଖରକୁଦାଠାରୁ ବଟେଶ୍ୱର ପୀଠ ପର୍ଯ୍ୟନ୍ତ ବେଳାଭୂମି ଅଧିକ ମାତ୍ରାରେ ଅବକ୍ଷୟ ହେଉଛି। ଝାଉଁ ଜଙ୍ଗଲ ମଧ୍ୟ ନଷ୍ଟ ହେଲାଣି। ସେହି ପୀଠକୁ ଯାଉଥିବା ପର୍ଯ୍ୟଟକମାନେ ସମୁଦ୍ର କୂଳକୁ ଗଲେ ସେଠାରେ ଆଉ ବୁଲିବାକୁ ବେଳାଭୂମି ନାହିଁ। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ବର୍ତ୍ତମାନ ଯେଉଁଭଳି ଭାବେ ବେଳାଭୂମି ନଷ୍ଟ ହେଉଛି, ତା' ପାଇଁ ଯଦି କିଛି ସ୍ଥାୟୀ ପ୍ରତିକାର ସରକାରଙ୍କ ପକ୍ଷରୁ ନହୁଏ ତାହେଲେ ସ୍ଥାନୀୟ ଅଞ୍ଚଳ ପ୍ରତି ଆସୁଥିବା ବିପଦକୁ ଏଡ଼ାଇ ଦେଇ ହେବନାହିଁ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ, ଗତ ୨୦୦୬-୦୭ମସିହାରେ ଏହିଭଳି ଉଚ୍ଚ ଲହଡ଼ି ଏବଂ ସମୁଦ୍ର କୂଳ ଲଙ୍ଘିବା ଫଳରେ ପୁରୁଣା ପୋଡ଼ମପେଟା ଗ୍ରାମର ଅନେକ ଘର ଭାଙ୍ଗିବା ସହ ଜାଲ, ଡଙ୍ଗା ମଧ୍ୟ ଭାସି ଯାଇଥିଲା। ଏହିଭଳି ବାରମ୍ବାର ହେବା ଯୋଗୁଁ ୨୦୧୨ ମସିହାରେ ସେଠାରୁ ପ୍ରାୟ ୧୪୨ ପରିବାରକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି ପରବର୍ତ୍ତୀ ସମୟରେ ବଳକା ପରିବାରଙ୍କୁ ଫାଇଲିନ ପରେ ଓଡିଆରପି ଯୋଜନାରେ ମୟୂରପଦା ନିକଟରେ ଥିବା କାଜୁ ଜଙ୍ଗଲରେ ଥାଇଥାନ କରାଗଲା। ଫଳରେ ସେମାନେ ଏହି ସମସ୍ୟାରୁ ବଞ୍ଚିଗଲେ।

ଅନ୍ୟପଟେ ବେଳାଭୂମି ନଷ୍ଟ ହେବାଯୋଗୁଁ ଗତ ୨୦୨୧ମସିହାରେ ଋଷିକୁଲ୍ୟା ମୁହାଣ ଅଞ୍ଚଳ ବେଳାଭୂମିରେ ବିରଳ ଅଲିଭ ରିଡେଲ ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ହୋଇପାରି ନଥିଲା। ଚଳିତ ବର୍ଷ ଏହି ଗଣ ଅଣ୍ଡାଦାନ ପ୍ରକ୍ରିୟା ଠିକ୍ ହୋଇଥିଲା। ବର୍ତ୍ତମାନ ଯେଉଁଭଳି ଭାବେ ବେଳାଭୂମି ଅବକ୍ଷୟ ହେଉଛି ତାହାଲେ ଗଣ ଅଣ୍ଡାଦାନ ପ୍ରକ୍ରିୟାବେଳେ ସମସ୍ୟା ଉପୁଜିପାରେ ବୋଲି ମତ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ରାସ୍ତା ସମସ୍ୟା, ଯାତାୟାତ ବାଧାପ୍ରାପ୍ତ : ନିଜ ଖର୍ଚ୍ଚ ଓ ଶ୍ରମଦାନରେ ମରାମତି କଲେ ଗ୍ରାମବାସୀ

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଅଧିକାଂଶ ଉପାନ୍ତ ଅଞ୍ଚଳ ସହ ବିଭିନ୍ନ ଗ୍ରାମବାସୀ ରାସ୍ତା ସମସ୍ୟାକୁ ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ପ୍ରଶାସନ ଏମିତିକି ଜିଲ୍ଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଥିବାବେଳେ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ କରି ଦୀର୍ଘ ବର୍ଷ ବର୍ଷ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନପାରି ସାଧାରଣ ଲୋକେ ରାସ୍ତା ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର ଲେଙ୍ଗେରହଣା ଗାଁରେ। ଏହି ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ବି ନିର୍ମାଣ ହୋଇନାହିଁ। କେଉଁ କାଳରୁ ମାଟି ରାସ୍ତାଟିଏ ହୋଇଥିଲା, ତାହା ଏବେ ଖାଲଖମା ହୋଇ ପାଣିରେ ଧୋଇ ହୋଇ ଯିବା ଆସିବା ଉପଯୋଗୀ ଅବସ୍ଥାରେ ନାହିଁ। ଏହି ରାସ୍ତା ପବିଙ୍ଗିଆଠାରୁ ଲେଙ୍ଗେରହଣା ଦେଇ ତେଜାମାହା ଓ ବନ୍ଧଗଡ଼କୁ ସଂଯୋଗ କରୁଥିବାବେଳେ ପବିଙ୍ଗିଆଠାରୁ ଲେଙ୍ଗେରହଣା ରାସ୍ତା ଏବଂ ଲେଙ୍ଗେରହଣାଠାରୁ ପାଣ୍ଡୁପଦର ରାସ୍ତା ଲେଙ୍ଗେରହଣା ଗାଁର ଉଭୟ ପାର୍ଶ୍ୱରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତ କିଛିଦିନ ତଳେ ଏହି ରାସ୍ତାରେ ଅଟୋକୁ ଠେଲି ଠେଲି କାଦୁଅ ରାସ୍ତାରେ ଗର୍ଭବତୀ ମହିଳାଙ୍କୁ ନେବାବେଳେ ଅଧା ବାଟରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା, ଯାହାକୁ ନେଇଁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା।

ବର୍ତ୍ତମାନ ପରିସ୍ଥିତିରେ ଏହି ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା, ସାଧାରଣ ଭାବରେ ସାଇକେଲ କିମ୍ବା ଚାଲିକି ଯିବା ମଧ୍ୟ କଷ୍ଟ ହୋଇପଡ଼ିଛି। ଏହି ରାସ୍ତା ନିର୍ମାଣ ଓ ମରାମତି କୁ ନେଇଁ ବର୍ଷ ବର୍ଷ ଧରି ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣୀଠାରୁ ବ୍ଲକ କାର୍ଯ୍ୟାଳୟ ଓ ରାଜନେତାଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହି ରାସ୍ତା ସମସ୍ୟାପରେ ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟ ନ ହେବାରୁ ବାଧ ହୋଇ ଲେଙ୍ଗେରହଣା ଗ୍ରାମବାସୀଙ୍କ ସହ କିଛି ସଚେତନ ଯୁବକ ଯୁବତୀ ମିଶି ନିଜ ଖର୍ଚ୍ଚରେ ଓ ନିଜ ପରିଶ୍ରମରେ ପଥର, କାଠ ଓ ମେଟାଲ ସଂଗ୍ରହ କରି ରାସ୍ତା ମରାମତି କରିବା ସହ ଏକ କାଠ ପୋଲ ମଧ୍ୟ ନିର୍ମାଣ କରିଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ ଓ ମରାମତି କରିବାକୁ ଅଞ୍ଚଳର ମାନେଶ୍ୱର କହଁର, ଦେବା କହଁର, ଜଳନ୍ଧର କହଁର, ସଞ୍ଜୀବ କହଁର, କେଶବ କହଁର, ଅଜୟ କହଁର, ବିଶ୍ରାବା କହଁର, ଭୁଲେଶ୍ୱର କହଁର, ରାଜୁ କହଁର ସମେତ ସମୂହ ଅଞ୍ଚଳବାସୀ।

ତେବେ ଗ୍ରାମବାସୀ ଓ ଅଞ୍ଚଳବାସୀ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଅଭିଯୋଗ ସତ୍ତ୍ୱେ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ନ ଦେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ଫିରିଙ୍ଗିଆ ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲଥି ସହ ତୁରନ୍ତ ଏହି ରାସ୍ତାର ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି ସମୂହ ଅଞ୍ଚଳବାସୀ କହିଛନ୍ତି। ଆବଶ୍ୟକ ପଡ଼ିଲେ ବ୍ଲକ ବାରଣ୍ଡାରେ ଅନଶନ କରିବୁ ବୋଲି କହିଛନ୍ତି କିଛି ସଚେତନ ଯୁବକ। ଅନ୍ୟପଟେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ମୋ ପାଖକୁ ଅଭିଯୋଗ ଆସିନାହିଁ ତୁରନ୍ତ ଏହାର କିଭଳି ସମାଧାନ ହେବ ଚେଷ୍ଟା କରାଯିବ ବୋଲି କହିଛନ୍ତି।





# ନନ୍ଦପୁର ବାହୁଡ଼ାଯାତ୍ରାରେ ଆଶାତିତ ଭକ୍ତଙ୍କ ସମାଗମ



ନନ୍ଦପୁର, ନ୍ୟୁଜ ବ୍ୟୁରୋ

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ମହକୁମାର ଐତିହାସିକ ମହାପ୍ରଭୁଙ୍କ ଘୋଷଯାତ୍ରାରେ ଦେଖା ଦେଇଥିବା ବିଭ୍ରାନ୍ତି ବାହୁଡ଼ା ଯାତ୍ରାରେ ମଧ୍ୟ ଏହାର ପୁନରାବୃତ୍ତି ହୋଇଛି । ଠାକୁରଙ୍କ ନୀତି କାନ୍ତି ପରେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ରଥ ଛେରା ପହଁରା କରିଥିଲେ। ସମସ୍ତ ନୀତି କାନ୍ତି ଶେଷ ପରେ ଭକ୍ତ ହସଉଲ୍ଲାସର ସହ ରଥ ଟାଣିବା ଲାଗି ଆଗ୍ରହରେ ଭାବ ବିଭୋର ହୋଇଥିଲେ। ଢାଉକଙ୍କ ଡାକ ବାଜିବା କ୍ଷଣି ରଥଟଣା ଆରମ୍ଭ ହୋଇଥିଲା। ହେଲେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ପାହୁଣ୍ଡେ ରଥ ଗଡିବା କ୍ଷଣି ଜଣେ ଭକ୍ତଙ୍କ ଘର ଚାଳରେ ଲାଗି ଦୀର୍ଘ ସମୟ ଧରି ରଥ ଅଟକି ରହିଲା । ରଥକୁ ଠିକଣା ରାସ୍ତାରେ ଆଣିବାକୁ ଭକ୍ତ ଓ ପ୍ରଶାସନ ଅନେକ ଚେଷ୍ଟା ବିଫଳ ହେବା ପରେ ନନ୍ଦପୁର ଇତିହାସରେ ପ୍ରଥମ ଥର ପାଇଁ ରଥକୁ ପଛକୁ ଟାଣି ରାସ୍ତା ଉପରେ ସିଧା କରିଥିଲେ । ପରେ ରଥ ଟଣା ପୁଣି ସ୍ୱାଭାବିକ ହୋଇଥିଲା। ତେବେ ଏ ବର୍ଷ ଘୋଷ ଯାତ୍ରାରେ ମହାପ୍ରଭୁ ଦୁଇ ଦିନ ପରେ ଗୁଣ୍ଡିଚା ମନ୍ଦିର ପହଞ୍ଚି ଥିବା ବେଳେ ବାହୁଡ଼ା ଯାତ୍ରାରେ ମଧ୍ୟ ରଥକୁ ନେଇ ସମାନ ପରିସ୍ଥିତି ଦେଖାଯିବା ପରେ ଆଲୋଚନା ସମାଲୋଚନା ଯୋର ଧରିଛି । ତେବେ ସମୟ ନିର୍ଘଣ୍ଟରେ ରଥଟଣା ଆରମ୍ଭ ହୋଇଥିଲେ ହେଁ ଅନେକ ବାଧାବିଘ୍ନ ମଧ୍ୟରେ ରଥ ମାଉସୀମାଙ୍କ ନିକଟରେ ପହଞ୍ଚିବା ବିଳମ୍ବ ହୋଇଥିଲା। ଆଡ଼ପ ମନ୍ଦିର ପହଞ୍ଚୁ ପହଞ୍ଚୁ ଏକ ବଡ ଦୁର୍ଘଟଣାରୁ ମଧ୍ୟ ଅଳ୍ପକେ ବଞ୍ଚିଲେ ଶ୍ରଦ୍ଧାଳୁ। ତେବେ ଚଳିତ ବର୍ଷ ନନ୍ଦପୁର ରଥଯାତ୍ରା ସରସ ସୁନ୍ଦର କରିବାକୁ ଦେବୋର୍ତ୍ତର କମିଟି ନୂତନ ରଥ ନିର୍ମାଣ ଲାଗି ନେଇ ଥିବା ପଦକ୍ଷେପକୁ ଅଞ୍ଚଳର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଆଣିଥିଲେ ମଧ୍ୟ ରଥଟଣା ବିଭ୍ରାନ୍ତି ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ କିଛି ମାତ୍ରାରେ ଅତିଷ୍ଠ କରିଥିଲା ।

## ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ନିରାକରଣ ପ୍ରସ୍ତୁତି ଉପରେ ଜିଲ୍ଲାପାଳଙ୍କ ସମୀକ୍ଷା

# ସଠିକ ପରିଚାଳନା ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଗୁରୁଦାୟିତ୍ୱ

ରାୟଗଡ, ନ୍ୟୁଜ ବ୍ୟୁରୋ

ରାଜ୍ୟର ଅଲଗା ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବ୍ୟାପିବା ଆଶଙ୍କା କରି ଏହାର ନିରକ୍ଷକରଣ ନିମନ୍ତେ ପ୍ରସ୍ତୁତି ଉପରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଆଭାସି ମାଧ୍ୟମରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ବିଶେଷ କରି ବର୍ଷା ଯୋଗୁଁ ଝାଡାବକ୍ଷନ୍ତି, ଡେଙ୍ଗୁ ଓ ମ୍ୟାଲେରିଆର ପ୍ରାଦୁର୍ଭାବ ହେବା ସମ୍ଭବନା ଅଧିକ ଆଶଙ୍କା କରି ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଚନ୍ଦ୍ର କାନ୍ତ ମାଝୀ, ସିଡିଏମଓ ଡାକ୍ତର ବିସରୋଜିନୀ ଦେବୀ, ଏଡିଏମଓ ଡା.ମମତା ସାହୁ, ଡା.ମମତା ଚୌଧୁରୀ, ଏଡିଏମଓ ଡା ସୁବୁଦ୍ଧି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିନତି ଦେଓ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ନାହାକ, ଏଡିଡବ୍ଲୁଓ, ରାୟଗଡ଼ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଖାଦ୍ୟ ନିରୀକ୍ଷଣ ଅଧିକାରୀ, ଆଭାସି ମାଧ୍ୟମରେ ଯୋଗଦେଉଥିବା ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ



ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଚଳିତ ବର୍ଷାରେ ନାଳ ନର୍ଦ୍ଦମା ଗୁଡିକ ଶତପ୍ରତିଶତ ବିଷଧନ ଓ ସଫା ସୁତୁରା ରଖିବାକୁ ବିଡିଓ ଓ ପୌର ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଏଏନଏମ ଓ ଅଙ୍ଗନବାଡି କେନ୍ଦ୍ରରେ, ଆଶାକର୍ମୀ ମାନଙ୍କ ପାଖରେ ଯଥେଷ୍ଟ ପରିମାଣ ଓଆରେସ ଓ ଔଷଧ ମହଜୁଦ ରଖିବା, ଜଳ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରି ବିଷଧନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗାଁ କଲ୍ୟାଣ ପାଣ୍ଠି ବିନିଯୋଗରେ ଗାଁକୁ ସଫା ସୁତୁରା କରିବାକୁ କହିଥିଲେ । ଔଷଧଯୁକ୍ତ ମଶାରୀ ବ୍ୟବହାର ଘରକୁ ଘର ଯାଇ ଲୋକଙ୍କୁ ସଚେତନତା କରିବା ପାଇଁ ଆଶାକର୍ମୀ ଅଙ୍ଗନବାଡି କର୍ମୀ ମାନେ ସଚେତନତା କରିବେ । ଝାଡା ବାନ୍ତି ଓ ମ୍ୟାଲେରିଆ ଆକ୍ରାନ୍ତ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ଜିଲ୍ଲାପାଳ କହିଥିଲେ। ସେହିପରି ବିଦ୍ୟାଳୟ ଅନ୍ତେବାସୀମାନେ ମଶାରୀ ସମସ୍ତେ ବ୍ୟବହାର କରିବେ ସେଥିପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀମାନେ ସୁନିଶ୍ଚିତ କରିବେ । ହଷ୍ଟେଲରେ ରହୁଥିବା ଛୁଆ ଯେପରି ଆକ୍ରାନ୍ତ ନ ହୁଅନ୍ତି ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ସତର୍କ ରହିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ସଚେତନତା କରିବେ । ବିଦ୍ୟାଳୟ ଖୋଲିଲେ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ସଠିକ ପରିଚାଳନା କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଛନ୍ତି। ଅତିରକ୍ତ ଜିଲ୍ଲାପାଳ ନବୀନ ନୟକଙ୍କୁ ମୁନିଗୁଡା ଓ ଚନ୍ଦ୍ରପୁର ବ୍ଲକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କୁ ରାୟଗଡ଼ ଓ ବିସମକଟକ ବ୍ଲକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ଗୁଣପୁର ଓ ରାମନାଗୁଡ଼ା ବ୍ଲକ, ଗୁଣୁପୁର ଉପଜିଲ୍ଲାପାଳ ସୁଶ୍ରୀ କିରେନ୍ଦୀପ କୌର ସହଦେଙ୍କୁ ଗୁଡ଼ାରୀ ଓ ପଦ୍ମପୁର ବ୍ଲକ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନାଙ୍କୁ କାଶୀପୁର ବ୍ଲକ, ପ୍ରକଳ୍ପ ପ୍ରଶାସକ ସାମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ଙ୍କୁ କଲାନାରା ଓ କଲ୍ୟାଣସିଂପୁର ବ୍ଲକ ଦାୟିତ୍ୱ ଦିଆଯାଇଛି ।

# କେନ୍ଦୁଝର ସହରକୁ ମହାନଗର ନିଗମ ମାନ୍ୟତା ଦିଆଯାଉ: କଂଗ୍ରେସ

କେନ୍ଦୁଝର, ନ୍ୟୁଜ ବ୍ୟୁରୋ

ଓଡିଶା ସରକାର କେନ୍ଦୁଝର ସହରକୁ ଅତିଶୀଘ୍ର ଘୋଷଣା କରାଯିବ ସହିତ ସତନ୍ତ୍ର ମାନ୍ୟତା ଦିଆଯାଉ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ ଦାବି କରଛନ୍ତି । ରାଜ୍ୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଗଠନ ପରେ ଏହି ନିକଟରେ ରାଜ୍ୟ ସରକାର ପୁରୀକୁ ମହାନଗର ନିଗମ ଘୋଷଣା କରିଛନ୍ତି । କେନ୍ଦୁଝର ଜ଼ିଲ୍ଲା ଶିଳ୍ପ, ଖଣି ଓ ଖାଦାନରେ ଭର୍ତ୍ତି ଜ଼ିଲ୍ଲା । କେନ୍ଦ୍ର ଓ ରାଜ୍ୟ ସରକାର ଯଦିଓ ସବୁଠାରୁ ଅଧିକ ରାଜସ୍ୱ ଆଦାୟ ଏହି ଜ଼ିଲ୍ଲାରୁ ପାଉଛନ୍ତି। ଖୋଦ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଜ଼ିଲ୍ଲାର ଲୋକ । ତାଙ୍କ ନିର୍ବାଚନ ମଣ୍ଡଳୀରେ ଏହି କେନ୍ଦୁଝରଗଡ଼ ମୁନିସିପାଲିଟି ଅବସ୍ଥିତ । ସିଏ ଏହି ଠାରୁ ବିଧାୟକ ଭାବେ ପ୍ରତିନିଧିତ୍ୱ କରୁଛନ୍ତି । ଏହାକୁ ମହାନଗର ନିଗମ ଘୋଷଣା କଲେ ଏହାର ପାରିପାର୍ଶ୍ୱିକର ଯଥେଷ୍ଟ ଉନ୍ନତି ହୋଇପାରିବ । କେନ୍ଦୁଝର ଜ଼ିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ଅନ୍ତର୍ଗତ ଏହି ମହାନଗର ନିଗମ ଘୋଷଣା ହେଲେ ଜ଼ିଲ୍ଲାର ମର୍ଯ୍ୟାଦା ବଢିବା ସହିତ ସତନ୍ତ ମାନ୍ୟତା ପାଇବ । ଦିନକୁ ଦିନ ଜନସଂଖ୍ୟା ବଢିବା ସହିତ ପୌରାଞ୍ଚଳର ଆକାର ବଢିବା ଦରକାର । ରାଜ୍ୟ ସରକାର ପର୍ଯ୍ୟଟନ ଓ ବ୍ୟବସାୟିକ କେନ୍ଦ୍ର ଏହି କେନ୍ଦୁଝର ଜ଼ିଲ୍ଲା ପ୍ରତି ବୈମାତୃକ ମନୋଭାବ ନ ରଖି ତୁରନ୍ତ ମୁଖ୍ୟମନ୍ତ୍ରୀ ନିଜ ଜ଼ିଲ୍ଲାରେ ମହାନଗର ନିଗମ ଘୋଷଣା କରନ୍ତୁ ବୋଲି ଶ୍ରୀ ଦାସ ଦାବୀ କରିଛନ୍ତି ।

# ଓଡ଼ିଶାର ବିପର୍ଯ୍ୟୟ ପରିଚ୍ଳଳନା ପଦକ୍ଷେପକୁ ୟୁ.ପି. ସରକାରଙ୍କ ଉଚ୍ଚ ପ୍ରଶଂସା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ ଏକ ପ୍ରତିନିଧି ଦଳ ୪ ଦିନିଆ ଓଡ଼ିଶା ଗସ୍ତ କରିଛନ୍ତି । ଏହି ପ୍ରତିନିଧିମାନେ ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପଦକ୍ଷେପଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ପ୍ରତିନିଧି ପଦାଧିକାରୀଙ୍କ ମଧ୍ୟରେ ରହିଛନ୍ତି ଉତ୍ତର ପ୍ରଦେଶ ରାଜସ୍ୱ ବିଭାଗ ସଚିବ ତଥା ରିଲିଫ୍ କମିଶନର ଶ୍ରୀ ଭାନୁ ଚନ୍ଦ୍ର ଗୋସ୍ୱାମୀ ଏବଂ ଅନ୍ୟ ଦୁଇଜଣ ଅଧିକାରୀ ହେଉଛନ୍ତି, ଇମର୍ଜେନ୍ସି ଅପରେସନ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅଦିତୀ ଉମରାଓ ଏବଂ ଶ୍ରୀ ଅପୂର୍ବ ଶ୍ରୀବାସ୍ତବ । ସେମାନେ ଓଡ଼ିଶାକୁ ୩ରୁ ୬ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ଗସ୍ତ କରି ଓଡ଼ିଶାର ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଗୋଷ୍ଠୀ ସହଯୋଗିତାରେ ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀ ପ୍ରତିକ୍ରିୟା ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରୁଛନ୍ତି । ଉତ୍ତର ପ୍ରଦେଶରୁ ଆସିଥିବା ଏହି ଅଧିକାରୀମାନେ ଜୁଲାଇ ୪ ତାରିଖରେ ପୁରୀ ଜିଲ୍ଲାର କାକଟପୁର ବ୍ଲକର ଛୋଟିପଡା ଗାଁରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଗ୍ରାମ କମ୍ୟୁନିଟି ଏବଂ ବହୁମୁଖୀ ବାତ୍ୟା ପରିଚାଳନା କେନ୍ଦ୍ର ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟାମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଜୁଲାଇ ୫ ତରିଖରେ ସେମାନଙ୍କର ଏହି ଟିମ୍ ଲୋକସେବା ଭବନ ସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ଦେଓରଞ୍ଜନ କୁମାର ସିଂହ ଏବଂ ଓସଡମାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଏକ ବୈଠକରେ ଯୋଗଦେଇ ଓଡିଶାରେ ବିପର୍ଯ୍ୟୟ ପରିଚାଳନା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେମାନେ ଓସଡମାର ଅଧିକାରୀମାନଙ୍କ ସହିତ କଥା ହୋଇଥିଲେ । ପରେ ପରେ ସେମାନେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଯାଇ ରାଜ୍ୟ ଇମର୍ଜେନ୍ସିଂ ଅପରେସନ ସେଣ୍ଟର(ଏସଇଓସି) ଏବଂ ଅପରାହ୍ଣରେ ଗୋଠପାଟଣା ସ୍ଥିତ ଆରଓଟିଆଇ (ରୋଟୀ), ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କେନ୍ଦ୍ର(ଡିଏମଟିସି) ପରିଦର୍ଶନ କରିଥିଲେ । କ୍ଷେତ୍ର ପରିଦର୍ଶନ ଓ ବିପର୍ଯ୍ୟୟ ପରିଚାଳନା ସଂପର୍କରେ ରାଜ୍ୟର ବ୍ୟବସ୍ଥା ଏବଂ ପ୍ରସ୍ତୁତି ଅନୁଧ୍ୟାନ କରି ଉତ୍ତର ପ୍ରଦେଶ ସରକାରର ରାଜସ୍ୱ ସଚିବ ତଥା ରିଲିଫ୍ କମିଶନର୍ ଏବଂ ଉତ୍ତର ପ୍ରଦେଶର ଅନ୍ୟ ଅଧିକାରୀମାନେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିପର୍ଯ୍ୟୟ ପରିଚାଳନା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି ।



# ପାରାଦ୍ୱୀପ ସ୍ଥିତ ମା'ଶାରଳା ଗୋଶାଳାରେ ଗୋମାତା ସେବା ନାମରେ ହରିଲୁଟ ଅଭିଯୋଗ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ବୁଲା ଗାଈଗୋରୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ଗୋଶାଳା ଗୁଡିକୁ ଆର୍ଥୀକ ପୋତ୍ସାହନ ଯୋଗାଇ ଦେଉଛନ୍ତି । ହେଲେ ରାଜ୍ୟରେ ନୂତନ ସରକାର ଆସିବା ପରେ ଗୋମାତାଙ୍କର ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଆହୁରି ଅଧିକ ୨୦୦ ନୂଆ ଗୋଶାଳା ବିଭାଗୀୟ ମନ୍ତ୍ରୀ ଗତ ସେପ୍ଟେମ୍ବର ୨୦୨୪ରେ ପ୍ରସ୍ତାବ ରଖିଥିଲେ । ବଜାର ଘାଟରେ ବୁଲୁଥିବା ଗୋମାତାମାନେ ସହର ମଧ୍ୟରେ ବୁଲିବା ଦ୍ୱାରା ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ବେଳେ ଗୋମାତାମାନେ ମଧ୍ୟ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଗୋମାତାଙ୍କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ବେସରକାରୀ ଗୋଶାଳା ସହିତ କାଞ୍ଜିଆହୁଦା ପାଇଁ ସରକାର ପ୍ରତ୍ୟେକ ବର୍ଷ ଆରମ୍ଭରୁ ଆର୍ଥୀକ ଅନୁଦାନ ପ୍ରଦାନ କରୁଛନ୍ତି । ଉକ୍ତ ଅର୍ଥରେ ଗୋମାତାଙ୍କର ଖାଇବା, ଔଷଧ, ଗୃହ ନିର୍ମାଣ ଠାରୁ ଆରମ୍ଭ କରି ଗୋଶାଳାର ରକ୍ଷଣାବେକ୍ଷଣ ପାଇଁ ଆର୍ଥୀକ ଅନୁଦାନ ଦେଉଛନ୍ତି । ମାତ୍ର ସଂପୃକ୍ତ ଅର୍ଥ କିଛି ମାତ୍ରାରେ ଗୋମାତାଙ୍କ ସେବାରେ ଲାଗୁଥିବା ବେଳେ କେତେକ ଗୋଶାଳାରେ ସିଂହଭାଗ ଅର୍ଥକୁ ଗୋଶାଳାର ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷମାନେ ଚଳୁ କରୁଥିବା ଅଭିଯୋଗ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୁଜଙ୍ଗ ବ୍ଲକ ପାରାଦ୍ୱୀପ ନିକଟ ବାଲିଚନ୍ଦ୍ରପୁର ଠାରେ ଥିବା ମା ଶାରଳା ଗୋଶାଳା କ୍ଷେତ୍ରରେ। ଶିଳ୍ପ ନଗରୀ ପାରାଦ୍ୱୀପରେ ଯାନବାହାନ ଚଳାଚଳରେ ବିଶେଷ ସମସ୍ୟା ସୃଷ୍ଟି କରୁଛନ୍ତି ବୁଲା ଗାଈଗୋରୁ । ଏହି ବୁଲା ଗାଈ ଗୋରୁମାନଙ୍କ ପାଇଁ ସରକାରୀ ସ୍ତରରେ କାଞ୍ଜିଆହୁଦା ନଥିବା ବେଳେ ବେସରକାରୀ ଭାବରେ ମା'ଶାରଳା ଗୋଶାଳା ରହିଛି । ମାତ୍ର ଏହି ଗୋଶାଳାରେ ରହୁଥିବା ଗୋମାତା ମାନେ ଗୋଶାଳାରେ ନରହି ବାହାରେ ବୁଲାବୁଲି କରୁଥିବାରୁ ବହୁ ମାତ୍ରାରେ ସମସ୍ୟା ସୃଷ୍ଟି ହେଉଛି । ଗୋମାତାଙ୍କ ନାମରେ



ଆସୁଥିବା ସରକାରୀ ଆର୍ଥୀକ ଅନୁଦାନ ଏହି ମା'ଶାରଳା ଗୋଶାଳାରେ ବ୍ୟାପକ ବାଟମାରଣା ହେଉଥିବା ବେଳେ ଗୋମାତାମାନେ ବହୁ ସମୟରେ ଅନାହାରରେ ରହୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଗୋଶାଳାରେ ଚିହ୍ନଟ ହୋଇ ଗୋମାତାମାନେ ବାହାରେ ବୁଲୁଥିବା ଫଟୋ ଭାଇରାଲ ହେବା ପରେ ସଂପୃକ୍ତ ଗୋଶାଳା ସୁପ୍ରିମ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗ ହୋଇଛି । ପାରାଦ୍ୱୀପ ସ୍ଥିତ ମା ଶାରଳା ଗୋଶାଳା ପାଇଁ ୨୦୨୧-୨୨ ରେ ୩ଲକ୍ଷ୨୮ ହଜାର ୯୦୦ ଟଙ୍କା ଓ ୪୧ ହଜାର ୭୬୫ ଟଙ୍କା ଦୁଇଟି କିସ୍ତିରେ ଆର୍ଥୀକ ଅନୁଦାନ ପାଇଥିବା ବେଳେ ୨୦୨୨-୨୩ବର୍ଷରେ ୬ଲକ୍ଷ ୭୩ ହଜାର ୪୦୦ ଟଙ୍କା ଆର୍ଥୀକ ଅନୁଦାନ ପାଇଥିଲେ । ସେହିପରି ୨୦୨୪-୨୫ରେ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ମା ଶାରଳା ଗୋଶାଳା ନାମରେ ୧୩ ଲକ୍ଷ ୩ଶହ ୮୬ ଟଙ୍କା ସରକାରୀ ତହବିଲରୁ ଯାଇଥିବା ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଏହି ଗୋଶାଳାରେ ୧୨୭ ଗୋମାତା ରହୁଥିବା ଦର୍ଶାଇ ସରକାରୀ ତହବିଲକୁ ବ୍ୟାପକ ଅର୍ଥ ହାତେଉଛନ୍ତି ଗୋଶାଳା ଦାୟିତ୍ୱରେ ଥିବା କର୍ମକର୍ତ୍ତା। ମାତ୍ର ବାସ୍ତବରେ ସେହି ସଂଖ୍ୟାରେ ଗୋମାତା ରହୁନଥିବା ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀଙ୍କ ଅଫିସ ପକ୍ଷରୁ ସୂଚନା ମିଳିଛି । ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଓ କୁଜଙ୍ଗ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ମିଳିତ ଚଢାଉ ସମୟରେ ଗତ ୨୦୨୫ ମାର୍ଚ୍ଚ ୩ ତାରିଖରେ ୧୦୮ ଗାଈ,ମେ ୩୦ ତାରିଖରେ ୧୦୦ ଗାଈ ଓ ଜୁନ ୭ ତାରିଖ ଚଢାଉ ସମୟରେ ୬୭ ଟି ଗୋମାତା ରହୁଥିବା ଦେଖାଯାଇଥିଲା ।ନିୟମ ଅନୁସାରେ ଗୋଶାଳାରେ ରହୁଥିବା ଗୋମାତାମାନଙ୍କର ଖାଇବା ପିଇବା ପାଇଁ ସରକାର ବ୍ୟାପକ ଅର୍ଥ ଯୋଗାଇ ଦେଉଥିବା ବେଳେ ଗୋମାତାମାନେ ଆଉ ବାହାରକୁ ଯିବେ ନାହିଁ କି ରାସ୍ତା ଘାଟରେ ବୁଲିବେ ନାହିଁ । ମାତ୍ର ପାରାଦ୍ୱୀପ ସ୍ଥିତ ସଂପୃକ୍ତ ମାଶାରଳା ଗୋଶାଳାରେ ରହୁଥିବା ଗୋମାତା ମାନେ ବହୁ ସମୟରେ ବାହାରେ ରାସ୍ତାଘାଟରେ ବୁଲୁଥିବା ଫଟୋ ମଧ୍ୟ ଦେଖାଯାଇଛି । ଏହା ସହିତ ବିଭାଗ ପକ୍ଷରୁ ସଂପୃକ୍ତ ଗୋଶାଳାରେ ଗୋମାତାମାନଙ୍କୁ ନିୟମିତ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଭ୍ୟାକସିନ ଦେବା ସହିତ କାନରେ ଟ୍ୟାଗ କରାଯାଇଥାଏ । ଯାହା ଫଳରେ ଗୋମାତା ମାନେ ସୁରକ୍ଷିତ ରହିବା ସହିତ ଚିହ୍ନଟ ହୋଇପାରିବେ । ମାତ୍ର ଉକ୍ତ ମା ଶାରଳା ଗୋଶାଳାରେ ଗୋମାତାଙ୍କ ନାମରେ ବ୍ୟାପକ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହେବା ପରେ ତଦନ୍ତ ସମୟରେ ୩ ଥର ଚଢଉରେ ଭିନ୍ନ ଭିନ୍ନ ସଂଖ୍ୟାରେ ଗୋମାତା ରହୁଥିବା ବିଭାଗ ପକ୍ଷରୁ ଜାଣିବାକୁ ପାଇଥିଲେ । ପୂର୍ବରୁ ସଂପୃକ୍ତ ଗୋଶାଳାକୁ ଜଣାଇ ତଦନ୍ତ ପାଇଁ ଯିବା ସମୟରେ ଗୋଶାଳା ଦାୟିତ୍ୱରେ ଥିବା କର୍ମକର୍ତ୍ତା ରାତାରାତି ଗୋମାତାମାନଙ୍କୁ ଆଣି ଗୋଶାଳାରେ ଛାଡି ଦିଅନ୍ତି ଓ ତଦନ୍ତ ପରେ ପୁଣି ଛାଡି ଦେଇଥାନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଏହି ଗୋଶାଳାଟି ପୂର୍ବରୁ ଜଣେ ସାଧୁସନ୍ଥଙ୍କ ମାର୍ଫତରେ ଚାଲୁଥିବା ବେଳେ ଏବେ ଚକ୍ରାନ୍ତ କରି ଜଣେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି କୌଶଳ କ୍ରମେ ତାଙ୍କୁ ବିଦା କରି ନିଜେ ସର୍ବେସର୍ବା ହୋଇଛନ୍ତି । ଉକ୍ତ ଗୋଶାଳା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ନିକଟରୁ ଅନୁମତି ପତ୍ର ନିଆଯାଇନାହିଁ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି । ଗୋଶାଳାକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତି ଜଣକ ପେଷାରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧୀ ହୋଇଥିବାରୁ ସ୍ଥାନୀୟ ଲୋକେ ଭୟରେ କିଛି କହିପାରୁନାହାନ୍ତି ।ବହୁ ସମୟରେ ସ୍ଥାନୀୟ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବେଳେ ସଂପୃକ୍ତ ବ୍ୟକ୍ତି ଜଣକ ଗୋମାତାଙ୍କ ନାମରେ ଦ୍ୱାହି ଦେଇ କାକୁତିମିନତି ହୋଇ ଆନ୍ଦୋଳନକୁ ଭଣ୍ଡୁର କରିଥାନ୍ତି । ଅନ୍ୟ ପଟରେ ଗଣମାଧ୍ୟମର ପ୍ରତିନିଧୀ ଭାବରେ ଗୋମାତାଙ୍କ ନାମରେ ବିଭିନ୍ନ କମ୍ପାନୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଠାରୁ ମଧ୍ୟ ମୋଟା ଅଙ୍କର ଅର୍ଥ ହାତେଇଥାନ୍ତି ବୋଲି ଅଭିଯୋଗ ମଧ୍ୟ ହେଉଛି ।ଯାହା ଫଳରେ ଗୋମାତାଙ୍କ ନାମରେ ସରକାରୀ ଓ ବେସରାକାରୀ ଅର୍ଥରେ ବେଶ ମାଲାମାଲ ହେଉଛନ୍ତି ସଂପୃକ୍ତ ଗଣମାଧ୍ୟମର ପ୍ରତିନିଧୀ ଓ ସେଠାରେ କାର୍ଯ୍ୟରତ କର୍ମକର୍ତ୍ତା ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସଂପୃକ୍ତ ମା ଶାରଳା ଗୋଶାଳାର କାର୍ଯ୍ୟକାରିତା ଉପରେ ଅଧିକ ତଦନ୍ତ କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାରାଦ୍ୱୀପ ଓ କୁଜଙ୍ଗର ବହୁ ବରିଷ୍ଠ ନାଗରିକ ଓ ରାଜନେତା ଦାବୀ କରିଛନ୍ତି। ଏହା ସହିତ ପାରାଦ୍ୱୀପରେ ଏକ କାଞ୍ଜିଆହୁଦା ନିର୍ମାଣ ପାଇଁ ସାଧାରଣରେ ଦାବୀ ହେଉଛି । ଏ ସଂପର୍କରେ କୁଜଙ୍ଗ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଜୟ ପ୍ରକାଶ ଭଞ୍ଜଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ଯଦି ଟ୍ୟାଗିଂ ହେବା ପରେ ଗୋଶାଳାରୁ ବାହାରି ଗୋମାତାମାନେ ବାହାରେ ବୁଲାବୁଲି କରିବେ ତେବେ ତାଙ୍କୁ ନୋଟିସ କରାଯିବ । ତା ପରେ ଯଦି ସେମାନେ ବାରମ୍ବାର ଏହା କରିବେ ତେବେ ସଂପୃକ୍ତ ଗୋଶାଳାକୁ ମିଳୁଥିବା ଆର୍ଥୀକ ଅନୁଦାନକୁ ବନ୍ଦ କରାଯିବ ବୋଲି କହିଥିଲେ।

# କଳାରାହାଙ୍ଗ, ପଟିଆରେ ହେବ ରେଳ ଓଭରବ୍ରିଜ୍

ଚନ୍ଦ୍ରଶେଖରପୁର, ନ୍ୟୁଜ ବ୍ୟୁରୋ

କଳାରାହାଙ୍ଗ ଏବଂ ପଟିଆରେ ନିର୍ମାଣ ହେବ ରେଳ ଓଭରବ୍ରିଜ। ୧୪୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ଦୁଇଟି ରେଳ ଓଭରବ୍ରିଜ ନିର୍ମାଣ ହେବ। ଫଳରେ ପଟିଆ ଓ କଳାରାହାଙ୍ଗ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଦୂର ହେବ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପଟିଆ ଏବଂ କଳାରାହାଙ୍ଗ ରେଳ ଷ୍ଟେସନ ଅଞ୍ଚଳକୁ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଛନ୍ତି। କଳାରାହାଙ୍ଗ ରେଳ ଓଭରବ୍ରିଜ ପାଇଁ ୮୦ କୋଟି ଏବଂ ପଟିଆ ରେଳ ଓଭରବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ହେବ ବୋଲି ସାଂସଦ କହିଛନ୍ତି। ପୂର୍ବରୁ ଏହି ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନଥିଲା।



# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୧୨ ଶୁ / ଲରବୃ | ୧୧ | ଶ୍ୱ୧୦ / ରା୯ |
| ୨ ବୃ | ୧୭ / ୮ | ୮ |
| ୩ କେମ / ୪ | ୫ | ୭ / ୬ର |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୭।୭।୨୦୨୫, ଆଷାଢ଼ ଦି୨୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୩।୨୫ ଚନ୍ଦ୍ରୋଦୟ- ଦିଘ ୩।୩୦।୦୬**

**ଦ୍ୱାଦଶୀ-** ରାଘ ୧୧।୧୧ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ରାଘ ୧।୧୨ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧୧।୧୧ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୮ ଗତେ ଘ ୧୦।୩୨ ମଧ୍ୟେ । ରାଘ ୯।୨୦ ଗତେ ଘ ୧୦।୩୦ ମଧ୍ୟେ । **ପର୍ବୋତ୍ସବ-** ଗରୁଡ଼ ଶୟନ, ଶ୍ରୀକ୍ଷେତ୍ରେ ରଥ ଉପରେ ଅଧରପଣା ନୀତି ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।

**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।

**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।

**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ଦେବା ପୂଜାର ସୁଯୋଗ ଜୁଟିବ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ। ମୂଲ୍ୟବାନ ଦ୍ରବ୍ୟ ମଧ୍ୟ ଲାଭ କରିପାରନ୍ତି। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ।

**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।

**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।

**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।

**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।

**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।

**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।

**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।

**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୮।୭।୨୦୨୫, ଆଷାଢ଼ ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୩।୪୫ ଚନ୍ଦ୍ରୋଦୟ- ଦିଘ ୦୪।୩୩।୦୮**

**ତ୍ରୟୋଦଶୀ- ରାଘ ୧୨/୩୯ ପର୍ଯ୍ୟନ୍ତ। ଜ୍ୟେଷ୍ଠାନ ଓ ବିଛାଚନ୍ଦ୍ର-**ରାଘ ୦୩/୧୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର, ରାଘ ୩/୧୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ରାଘ ୩/୧୪ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ବାଇଗଣ ରାଘ ୧୨/୩୯ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫/୧୮ ଗତେ ଘ ୬/୫୬ ମଧ୍ୟେ, ଦିଘ ୪/୪୭ ଗତେ ଘ ୫/୩୩ ମଧ୍ୟେ। **ପର୍ବୋତ୍ସବ-** ନୀଳାଦ୍ରିବେଜ ମହୋତ୍ସବ। ରସଗୋଲା ଦିବସ।

31 YEARS
ସମ୍ବାଦ କଳିକା

# ଜାପାନ ପ୍ରସ୍ତୁତ କଲା କୃତ୍ରିମ ରକ୍ତ

ଚିକିତ୍ସା ଜଗତରେ ବଡ଼ ସଫଳତା । ଜାପାନ ଗବେଷକମାନେ ଏକ ପ୍ରକାର କୃତ୍ରିମ ରକ୍ତ ପ୍ରସ୍ତୁତ କରିଛନ୍ତି, ଯାହା ବିଶ୍ୱସ୍ତରରେ ସମସ୍ତ ରକ୍ତ ପ୍ରକାର ସହିତ ମିଶିପାରିବ । ଏହାର ଜୀବନକାଳ ମଧ୍ୟ ଅଧିକ ଲମ୍ବା । ବିଶେଷଜ୍ଞଙ୍କ ଅନୁସାରେ, ଏହା ଏକ ଯୁଗାନ୍ତକାରୀ ଆପାତକାଳ ଔଷଧ ଯାହା ଅନେକ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ।

ଅମ୍ଳଜାନ ବହନକାରୀ ପ୍ରୋଟିନ୍ 'ହିମୋଗ୍ଲୋବିନ୍'କୁ ସମାହିତ କରି କୃତ୍ରିମ ରକ୍ତ ପ୍ରସ୍ତୁତ କରାଯାଇଛି । ହିମୋଗ୍ଲୋବିନ୍ ଭେସିକଲ୍ସ ସୃଷ୍ଟି କରୁଥିବା ଏକ ସୁରକ୍ଷାତ୍ମକ ଆବରଣ ଭିତରେ ଅବଧି ଶେଷ ହୋଇ ସାରିଥିବା ରକ୍ତକୁ ରଖି ସେଥିରୁ କୃତ୍ରିମ ରକ୍ତ ପ୍ରସ୍ତୁତ କରାଯାଇଛି । ଏହାର ଚିକିତ୍ସକୀୟ ପରୀକ୍ଷଣ ଚାଲିଛି । ସଫଳ ହେଲେ, ୨୦୩୦ ସୁଦ୍ଧା ରକ୍ତର ବ୍ୟାପକ ବ୍ୟବହାର ହୋଇପାରିବ ।

ବୈଜ୍ଞାନିକମାନେ ଅବଧି ଶେଷ ହୋଇଥିବା ଦାନ ରକ୍ତରୁ ହିମୋଗ୍ଲୋବିନ୍‌କୁ ଅଲଗା କରିଥିଲେ । ଏହା ପରେ ଏକ ସ୍ଥାୟୀ, ଭୂତାଣୁ-ମୁକ୍ତ କୃତ୍ରିମ ରକ୍ତ କୋଷିକା ନିର୍ମାଣ ପାଇଁ ଏହାକୁ ଏକ ସୁରକ୍ଷାତ୍ମକ ଆବରଣ ଭିତରେ ରଖିଥିଲେ । ଦାନ ରକ୍ତଠୁ ଭିନ୍ନ କୃତ୍ରିମ କୋଷିକାଗୁଡ଼ିକର ରକ୍ତ ପ୍ରକାର ନାହିଁ । ତେଣୁ ସେଗୁଡ଼ିକୁ ସମସ୍ତ ପ୍ରକାର ସୁସଙ୍ଗତ ପରୀକ୍ଷଣ ଆବଶ୍ୟକରୁ ବାଦ୍ ଦିଆଯାଏ । ଆପାତକାଳରେ ଏହାର କୌଣସି ମୂଲ୍ୟ ନ ଥାଏ । ଉଲ୍ଲେଖଯୋଗ୍ୟ, ଦାନ ରକ୍ତର ଜୀବନକାଳ ମାତ୍ର ୪୨ ଦିନ । ତା'ପରେ ବିଭିନ୍ନ ରକ୍ତ ସମୂହ ମଧ୍ୟରେ ଏହାର ଅନୁକୂଳତା ଆବଶ୍ୟକ ହୁଏ । ନାରା ମେଡିକାଲ ୟୁନିଭର୍ସିଟିର ପ୍ରଫେସର ହିରୋମି ସାକାଇଙ୍କ ନେତୃତ୍ୱରେ କୃତ୍ରିମ ରକ୍ତର ପରୀକ୍ଷଣ ହୋଇଥିଲା । ବୈଜ୍ଞାନିକମାନେ ଚଳିତ ବର୍ଷ ପ୍ରାରମ୍ଭରେ ୧୬ ଜଣ ସୁସ୍ଥ ବୟସ୍କ ସ୍ୱେଚ୍ଛାସେବୀଙ୍କୁ ପ୍ରାୟ ୧୦୦-୪୦୦ ମିଲିଲିଟର କୃତ୍ରିମ ରକ୍ତ ଦେଇଥିଲେ । ଯଦି ପରୀକ୍ଷଣରୁ ସୁରକ୍ଷା ଓ ପ୍ରଭାବ ମାମଲାରେ ସଫଳତା ମିଳେ, ୨୦୩୦ ମସିହା ସୁଦ୍ଧା ସେମାନେ ଏହି ରକ୍ତକୁ ଚିକିତ୍ସାରେ ବ୍ୟବହାର କରିବେ ବୋଲି ଆଶା ବାନ୍ଧିଛନ୍ତି । ଏହା ଜରିଆରେ ଚିକିତ୍ସା ଜଗତରେ କୃତ୍ରିମ ରକ୍ତ ଉପଯୋଗ କରୁଥିବା ବିଶ୍ୱର ପ୍ରଥମ ଦେଶ ହେବ ଜାପାନ ।

ବୈଜ୍ଞାନିକଙ୍କ ଅନୁସାରେ, ଏହି ରକ୍ତର କିଛି ସଂସ୍କରଣରେ ପ୍ଲାଟ୍‌ଲେଟ୍ ବିକଳ୍ପ ମଧ୍ୟ ରହିବ । ଏହା ରକ୍ତ ଜମାଟରେ ସାହାଯ୍ୟ କରେ, ଯାହା କ୍ଷତ କିମ୍ବା ସର୍ଜରି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଅମ୍ଳଜାନ ପରିବହନ ଓ ରକ୍ତ ଜମାଟ ବାନ୍ଧିବାର ମିଶ୍ରଣ କୃତ୍ରିମ ରକ୍ତକୁ ମାନବ ରକ୍ତର ନକଲ କରିବାରେ ସକ୍ଷମ କରେ । ପ୍ରଫେସର ସାକାଇ କହିଛନ୍ତି, ବର୍ତ୍ତମାନ ଲୋହିତ ରକ୍ତ କୋଷିକାର କୌଣସି ସୁରକ୍ଷିତ ବିକଳ୍ପ ନ ଥିବାରୁ କୃତ୍ରିମ ରକ୍ତ କୋଷିକାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ରଥ ଉପରେ ରାଜ-ରାଜେଶ୍ୱର ବେଶରେ କାଳିଆ ସାଆନ୍ତେ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଲୀଳାମୟ ପ୍ରଭୁ ଶ୍ରୀ ଜଗନ୍ନାଥ । ଅନନ୍ତ କୋଟି ବ୍ରହ୍ମାଣ୍ଡର ସେ ଭର୍ତ୍ତା, କର୍ତ୍ତା, ଦୈବ ବିଧାତା । ସାରା ବିଶ୍ୱକୁ ସେ ଆର୍ଦ୍ର କରିଛନ୍ତି କରୁଣାଶିଶିରରେ, ରଙ୍ଗେଇଛନ୍ତି ମହାଶୂନ୍ୟକୁ କୋଟି କୋଟି ଗ୍ରହ ନକ୍ଷତ୍ରରେ । ସେ ପରଂବ୍ରହ୍ମ, ପରମାତ୍ମା; କେତେବେଳେ ସାକାରତ କେବେ ନିରାକାର, ସଗୁଣ, ନିର୍ଗୁଣ- ଏମିତି ବହୁରୂପରେ ବହୁ ଭାବରେ । ଭକ୍ତଟି ଗ୍ରହଣ କରିନିଏ ତା'ର ପ୍ରାଣ ପୁରୁଷ ମହାପ୍ରଭୁଙ୍କୁ । ସେଇ ଇଚ୍ଛାମୟ ଉତ୍କଳଭୂମିକୁ ବାଛି ନେଇଛନ୍ତି ଆପଣାର ବାସସ୍ଥାନ ରୂପରେ, ବିଜେ କରିଛନ୍ତି ନୀଳାଚଳଧାମ ଶ୍ରୀମନ୍ଦିରରେ । ହିନ୍ଦୁମାନଙ୍କର ସେ ପରମ ଉପାସ୍ୟ ତଥା ଚରମ ଆରାଧ୍ୟ ଦେବତା । ସେମାନେ ତାଙ୍କୁ ବିପଦ ଆପଦ, ସୁଖ ଦୁଃଖ, ହାନି ଲାଭର ସାଥୀ କରି ନେଇଛନ୍ତି । ଓଡ଼ିଶାର ସାମାଜିକ, ରାଜନୀତିକ, ଧାର୍ମିକ, ସାଂସ୍କୃତିକ, ଜୀବନ ସହ ସେ ଓତପ୍ରୋତ ଭାବେ ଜଡ଼ିତ । ତାଙ୍କ ବିଜେ ସ୍ଥଳୀ ଶ୍ରୀକ୍ଷେତ୍ର, ଏହା ପବିତ୍ର ତୀର୍ଥ ସ୍ଥାନ, ମର୍ତ୍ତ୍ୟ ବୈକୁଣ୍ଠ । ସାରାବିଶ୍ୱର ବିଭିନ୍ନ ଧର୍ମାବଲମ୍ବୀମାନେ ଆସିଥାନ୍ତି ତାଙ୍କରି ଦର୍ଶନ ପାଇଁ । ଭାବବିନୋଦିଆ ଠାକୁର କାହାକୁ ନିରାଶ କରି ନାହାନ୍ତି । ପୁରୁଷୋତ୍ତମ କ୍ଷେତ୍ର ପାଲଟିଛି ସର୍ବଧର୍ମ ସମନ୍ୱୟର ସଂଗମସ୍ଥଳ । ସେଇଥିପାଇଁ ସାରା ସଂସାର ତାଙ୍କୁ ଗ୍ରହଣ କରିଛି ଜଗତର ନାଥ ଜଗନ୍ନାଥ ଭାବରେ । ତାଙ୍କର ସର୍ବବ୍ୟାପକତାକୁ ଯୁକ୍ତିକୁ ଅନେକ ଗ୍ରହଣ କରନ୍ତି । ସବୁ ସମ୍ପ୍ରଦାୟ ଭକ୍ତ, ସେମାନେ ରତ୍ନ ସିଂହାସନରେ ଦର୍ଶନ କରିବେ । ଏ ଅଧିକାର କଥା ବି ଉଠାଇଥାନ୍ତି; ଏଥିପାଇଁ ନିୟମ ତିଆରି ପାଇଁ ମତ ପ୍ରଦାନ କରନ୍ତି; ମାତ୍ର ଅତୀତରେ କେଇଜଣ ଧର୍ମବିଦ୍ୱେଷୀ ଶାସକ ଜଗନ୍ନାଥଙ୍କ କୋଠ ଭଣ୍ଡାର ଲୁଟ କରିବାର ଚେଷ୍ଟା / ଅପଚେଷ୍ଟା କରିଛନ୍ତି । ସେ ରକ୍ତବାହୁ ହେଉ ବା କଳାପାହାଡ ଅବା ଅନ୍ୟ କୌଣସି ଅପଶାସକ; ସେମାନେ ଆପଣାର ସ୍ୱାର୍ଥ ସାଧନ ପାଇଁ ଏପ୍ରକାର ନିଷ୍ଠୁର ପଦକ୍ଷେପ ନେଇଛନ୍ତି । ଏଣୁ ଜଗନ୍ନାଥ ପ୍ରେମୀ ଶାସକ, ସେବାୟତ, ସେମାନେ ଶ୍ରୀ ଜଗନ୍ନାଥଙ୍କୁ ସୁରକ୍ଷା ଦେବା ପାଇଁ କେତେକ ଅନୁପ୍ରବେଶକୁ ବାରଣ କରିଛନ୍ତି । ଏହା ଏକ ସ୍ୱତଃ ସିଦ୍ଧ ମାନସିକ ପ୍ରକ୍ରିୟା, ଏହା ତ ଆଇନ ନୁହେଁ; ପରିବର୍ତ୍ତନ କଥା ବା ଉଠୁଛି କେଉଁଠି ? ଦୟାଳୁ ଠାକୁର କିନ୍ତୁ ବୁଝନ୍ତି ଭକ୍ତର ମନକଥା; ପୂରଣ କରନ୍ତି ତା'ର ବାଞ୍ଛିତ ଅଭିଳାସକୁ । ବର୍ଷକୁ ଥରୁଟିଏ ବାହାରି ଆସନ୍ତି ବଡ଼ଦାଣ୍ଡକୁ । ରଥାରୂଢ଼ ହୋଇ ଦର୍ଶନ ଦିଅନ୍ତି । ଶ୍ରୀଜୀଉଙ୍କର ଏହା ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ରତ୍ନସିଂହାସନର କୋଠ ଭୋଗଖିଆ, ଏବେ ବଡ଼ଦାଣ୍ଡରେ ସାଧାରଣ ମଣିଷଟିଏ । ଏହା ସତ୍ତ୍ୱେ; ଐଶ୍ୱର୍ଯ୍ୟମୟ ରାଜ-ରାଜେଶ୍ୱର ଶ୍ରୀ ଜଗନ୍ନାଥ । ଏକଥାଟି ତାଙ୍କର ବେଶ, ପୋଷାକ, ନୈବେଦ୍ୟ-ପ୍ରତିଟିରେ ପରିଲକ୍ଷିତ । ତନ୍ମଧ୍ୟରୁ ରଥ ଉପରେ 'ସୁନାବେଶ' ଅନ୍ୟତମ ।

ଶ୍ରୀ ଜଗନ୍ନାଥଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ସାଧାରଣ ଓଡ଼ିଆଟି ପରି । କିନ୍ତୁ ସେ ଓଡ଼ିଶା ବିଭବର ପ୍ରତୀକ । ତାହା ପ୍ରତୀୟମାନ ହୋଇଥାଏ ତାଙ୍କ ସୁନାବେଶରେ । ମହାପ୍ରଭୁଙ୍କ ବର୍ଷରେ ୨୪ଟି ବେଶ ମଧ୍ୟରୁ ୨୨ଟି ସମ୍ପନ୍ନ ହୋଇଥାଏ । ନାଗାର୍ଜ୍ଜୁନ ବେଶ, ରଘୁନାଥ ବେଶ- ଏ ଦୁଇଟି ବିରଳ ଶୁଭଲଗ୍ନରେ ଅନୁଷ୍ଠିତ ହୁଏ । ଶ୍ରୀଜୀଉମାନଙ୍କର ବେଶ ଗୁଡ଼ିକରେ ମୁଖ୍ୟତଃ ପୋଷାକ ପରିବର୍ତ୍ତନ ହେଉଥିବା ସ୍ଥଳେ, କେତେଗୋଟିରେ ତାଙ୍କର ଅବତାର ବଦଳିଯାଏ । କେତେବେଳେ ସେ ବିଷ୍ଣୁ ତ ଆଉ କେତେବେଳେ ନୃସିଂହ ଅବତାର ବେଶରେ । ସବୁ ବେଶରେ ଶ୍ରୀଜଗନ୍ନାଥ ମୁଖ୍ୟସ୍ଥାନରେ । ମାତ୍ର ପ୍ରଳମ୍ବାସୁର ବଧ ବେଶ, ଏଥିରେ ବଳଭଦ୍ର ପ୍ରମୁଖ ଭୂମିକାରେ ରହିଥାନ୍ତି । ସୁନାବେଶ ବର୍ଷରେ ୫ଥର ଅନୁଷ୍ଠିତ ହୋଇଥାଏ । ରତ୍ନସିଂହାସନରେ ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷପୂର୍ଣ୍ଣିମା, ଦୋଳପୂର୍ଣ୍ଣିମାରେ ଏହା ସମ୍ପନ୍ନ ହୁଏ । ଆଷାଢ଼ ଶୁକ୍ଳ ଦଶମୀ । ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା । ପରଦିନ ନୀଳାଦ୍ରି ବିଜେ ପୂର୍ବଦିନ (ଆଷାଢ଼ ଶୁକ୍ଳ ଏକାଦଶୀ) ରଥ ଉପରେ ଶ୍ରୀଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୁଏ । ଅନ୍ୟ ଚାରୋଟି ଅପେକ୍ଷା ଏହା ଅଧିକ ମାଧୁର୍ଯ୍ୟପୂର୍ଣ୍ଣ । ଏଥିରେ ସବୁପ୍ରକାର ସ୍ୱର୍ଣ୍ଣାଳଙ୍କାର ଶ୍ରୀ ବିଗ୍ରହମାନଙ୍କୁ ଲାଗି କରାଯାଏ । ଅନ୍ୟ ଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ଅଳଙ୍କାର ବ୍ୟବହୃତ ହୋଇଥାଏ । ରତ୍ନସିଂହାସନରେ ଅନୁଷ୍ଠିତ ସୁନାବେଶ ସବୁ ସଂପ୍ରଦାୟର ଭକ୍ତ ଦେଖିବା ସମ୍ଭବ ହୋଇନଥାଏ । କେବଳ ହିନ୍ଦୁମାନେ ଏ ଦିବ୍ୟବେଶ ଦର୍ଶନର ସୁଯୋଗ ପାଇଥାନ୍ତି । ରଥଯାତ୍ରା ସମୟରେ ଠାକୁରମାନଙ୍କର ସୁନାବେଶ ଆଚଣ୍ଡାଳ ବ୍ରାହ୍ମଣ, ସମସ୍ତେ ଦର୍ଶନ କରନ୍ତି । ପତିତପାବନ ସ୍ୱୟଂ ଭକ୍ତର ମନସ୍କାମନା ପୂର୍ଣ୍ଣକରିବା ପାଇଁ ଏ ଅପୂର୍ବ ରୂପଧାରଣ କରିଥାନ୍ତି ।

ଆଷାଢ଼ ଶୁକ୍ଳଦଶମୀ ତିଥି । ଠାକୁରମାନେ ଜନ୍ମବେଦୀରୁ ପୁନଶ୍ଚ ଓହ୍ଲାଇ ଆସନ୍ତି ବଡ଼ ଦାଣ୍ଡକୁ । ନବଦିନ ବ୍ୟାପୀ ଘୋଷ ଯାତ୍ରାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଶ୍ରୀ ଗୁଣ୍ଡିଚ୍ଚା ପରି ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ, ରଥତ୍ରୟୀରେ ଠାକୁର ରାଜାଙ୍କ ଛେରା-ପହଁରା ପର୍ବ ସମାପ୍ତି । ତା'ପରେ ଶ୍ରଦ୍ଧାଳୁମାନେ ରଥଟାଣି ଆଣନ୍ତି । ଶ୍ରୀ ବିଗ୍ରହମାନଙ୍କର ଏବେ ଶ୍ରୀମନ୍ଦିର ରତ୍ନବେଦୀକୁ ଯାତ୍ରା । ଏହା 'ବାହୁଡାଯାତ୍ରା' ନାମେ ଖ୍ୟାତ । ଆସେ ବହୁ ପ୍ରତିକ୍ଷିତ ବଡ଼ ଏକାଦଶୀ, ଶ୍ରୀ ବିଗ୍ରହମାନେ ରଥାରୂଢ଼ ହୋଇ ରହିଥାନ୍ତି । ଅନୁଷ୍ଠିତ ହୁଏ ସୁନାବେଶ । ଏହା ଶ୍ରୀ ଜଗନ୍ନାଥଙ୍କ ଐଶ୍ୱର୍ଯ୍ୟ ବେଶ । ଏଥିରେ ତିନି ଠାକୁରଙ୍କୁ ଲାଗି କରାଯାଏ ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାର । ଅଳଙ୍କାର ଗୁଡ଼ିକୁ ତଢ଼ାଉକରଣ ସେବାୟତମାନେ ତିଆରି କରିଛନ୍ତି । ଏଣୁ ସୁନାବେଶକୁ 'ତଢ଼ାଉକରଣ ବେଶ' କୁହାଯାଏ । ଏହା ମଧ୍ୟ 'ବଡତଢ଼ାଉ ବେଶ', 'ରାଜ ବେଶ', 'ରାଜ-ରାଜେଶ୍ୱର ବେଶ', ନାମରେ ଅଭିହିତ । ରଥରେ ସନ୍ଧ୍ୟା ଆଳତି ସରେ । ପାଳିଆ, ମେକାପ, ଖୁଣ୍ଟିଆ ସେବକମାନେ । କଡା ସୁରକ୍ଷା । ସେମାନେ ବହୁ ମୂଲ୍ୟର ସୁନା ଅଳଙ୍କାର ଶ୍ରୀଜୀଉଙ୍କ ଭଣ୍ଡାରଘରୁ ବାହାରକରି ରଥକୁ ଆଣନ୍ତି । ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳଛୁ, ଭିତରଛୁ ଆଦି ସେବକ, ଏଇମାନଙ୍କ ଉପସ୍ଥିତିରେ ଏହି ବେଶ ସମ୍ପନ୍ନ ହୁଏ । ପ୍ରଥମେ ଠାକୁରମାନଙ୍କୁ ପାଟବସ୍ତ୍ରରେ ସଜ୍ଜିତ କରାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଭିତରଛୁ ମହାପତ୍ର, ଶ୍ରୀବଳଭଦ୍ରଙ୍କ ବାଡ଼ରେ ତଳଛୁ ମହାପାତ୍ର, ସୁଭଦ୍ରାଙ୍କ ବାଡ଼ରେ ପୁଷ୍ପାଳକ ସେବକମାନେ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକୁ ଲାଗି କରନ୍ତି । ବଡ଼ଠାକୁର ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟି, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକର୍ଣ୍ଣି, ବାହାଡାମାଳି, ହଳ, ମୂଷକ, ବାଘନଖମାଳି, ସେବତିମାଳି, ତ୍ରିଖଣ୍ଡିକା ଭୂଷିତ କମରପଟି; ଦେବୀ ସୁଭଦ୍ରାଙ୍କୁ କିରୀଟି, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡାମାଳି, କଦମ୍ବମାଳି, ଦୁଇଟି ତଡ଼ଗି, ସେବତିମାଳି; ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ଆଡକାନି, ଘାଗଡା ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକର୍ଣ୍ଣି, ସୁବର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡାମାଳି, ବାହାଡାମାଳି, ତାବିଜମାଳି, ସେବତିମାଳି, ତ୍ରିଖଣ୍ଡିକା, କମରପଟି ଆଦି ଲାଗି କରାଯାଏ । ପୁଷ୍ପର ଅଧରମାଳ, ନାକୁଆସୀ, ଝୁମ୍ପା କରାଯାଏ । ଶ୍ରୀ ବିଗ୍ରହମାନେ ଦର୍ଶନ ଦିଅନ୍ତି 'ରାଜ ରାଜେଶ୍ୱର ବେଶ'ରେ ।

ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ । ଏ ସଂପର୍କରେ ବିଭିନ୍ନ ମତ ପ୍ରକାଶ ପାଇଛି । ରାଣୀ ଗୁଣ୍ଡିଚାଙ୍କ ଅପରିଣାମ ଦର୍ଶିତା ଫଳ ହେଲା ବିଷମୟ । ଅଧାଗଢ଼ା ଦିଅଁଙ୍କୁ ଦେଖି ରାଜା ଇନ୍ଦ୍ରଦ୍ୟୁମ୍ନ ନିଜକୁ ବ୍ରହ୍ମଘାତୀ ମନେକଲେ । ସ୍ୱୟଂ ଇଚ୍ଛାମୟ ରାଜାଙ୍କୁ ସ୍ୱପ୍ନାଦେଶ କଲେ । ରାଜା ତିଆରି କଲେ ସୁନାର ହସ୍ତ, ପାଦ, ମୁକୁଟ । ଶ୍ରୀଜୀଉମାନେ ସୁନାବେଶରେ ଦର୍ଶନ ଦେଲେ । ଏହା ଦାରୁବ୍ରହ୍ମଙ୍କ ନିର୍ଦ୍ଦେଶ ଥିବା ପୁରାଣ କଥିତ । ଓଡ଼ିଶାର ଠାକୁର ରାଜା କପିଳେନ୍ଦ୍ର ଦେବ । ଦାକ୍ଷିଣାତ୍ୟ ବିଜୟ (୧୪୬୦ ଖ୍ରୀ.ଅ) କରି ୧୬ଟି ହାତୀ ପିଠିରେ ସୁନା, ରୁପା, ମୋତି, ମାଣିକ୍ୟ, ହୀରା, ଲୀଳା ପ୍ରଭୃତି ଅନେକ ଦୁର୍ଲ୍ଲଭ ଅଳଙ୍କାର ଶ୍ରୀକ୍ଷେତ୍ର ଆଣିଲେ । ଏହା କେବଳ କୃପାମୟଙ୍କ କରୁଣାରୁ ସମ୍ଭବ ହେଲା । ଠାକୁର ରାଜାମାନେ ତ କାଳେ କାଳେ ମହାପ୍ରଭୁଙ୍କ ନ୍ୟାସ (ଟ୍ରଷ୍ଟି) ଭାବେ ନିଜକୁ ଗ୍ରହଣ କରିଥାନ୍ତି । ସବୁ ଯଶ, ଖ୍ୟାତି, ସମ୍ପଦ, ବୈଭବ ପ୍ରାପ୍ତି । ଏ ସମସ୍ତ ଶ୍ରୀଜଗନ୍ନାଥଙ୍କ କୃପା ମନେକରନ୍ତି । ତାଙ୍କରି ପାଦରେ ନିଜକୁ ସମର୍ପଣ କରିଦେଇଥାନ୍ତି । ରାଜା କପିଳେନ୍ଦ୍ର ଦେବ । ଦାକ୍ଷିଣାତ୍ୟରୁ ପ୍ରାପ୍ତ ଏହି ମୂଲ୍ୟବାନ ଧାତୁ । ତଢ଼ାଉକରଣ ସେବାୟତଙ୍କ ଦ୍ୱାରା ୧୩୮ ପ୍ରକାରର ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ତିଆରି କରାଇଲେ । ବିଶ୍ୱର ସବୁ ଭକ୍ତ, ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ ସନ୍ଦର୍ଶନ କରିବେ । ତେଣୁ ରାଜା ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଏହି ବେଶ ଲାଗୁ କରିଥିଲେ । ରାଜା ଅନଙ୍ଗଭୀମ ଦେବ ମଧ୍ୟ ବହୁମାଡ଼ ସୁନାରେ ପ୍ରଭୁଙ୍କ ପାଇଁ ଅଳଙ୍କାର ମାନ ଗଢ଼ାଇଥିଲେ । ଏତଦ୍‌ଭିନ୍ନ ସୁନାବେଶ ସହିତ ଆଉ ଏକ କାହାଣୀ ବିଜଡିତ । ଶ୍ରୀ ଜଗନ୍ନାଥ ବଡ଼ ଆଗ୍ରହରେ ଯାଇଥାନ୍ତି ଗୁଣ୍ଡିଚ୍ଚା ମନ୍ଦିର । ନବଦିନର କ୍ଲାନ୍ତି, ଅବସାଦ ତାହାଙ୍କୁ ସ୍ପର୍ଶ କରିପାରେନି । ସୁନାବେଶରେ ନିଜକୁ ସଜେଇ ଦିଅନ୍ତି ପ୍ରଭୁ । ବୀରଦର୍ପରେ ବାହୁଡନ୍ତି ଶ୍ରୀମନ୍ଦିରକୁ । ଏ ସମସ୍ତ ମତାମତ ଉର୍ଦ୍ଧ୍ୱରେ ରହିଛି ଗୁରୁତ୍ୱ ପୂର୍ଣ୍ଣ କଥାଟି । କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ । ତାଙ୍କୁ ବା କିଏ କ'ଣ ଦେଇ ସନ୍ତୁଷ୍ଟ କରିବ? ସବୁ ସେଇ ଇଚ୍ଛାମୟଙ୍କର ଇଚ୍ଛା । ରଥ ଉପରେ ରାଜ-ରାଜେଶ୍ୱର ବେଶରେ ଦର୍ଶନ ଦିଅନ୍ତି ପ୍ରଭୁ, ସବୁ ଧର୍ମର ଭକ୍ତଙ୍କ କାମନା ପୂର୍ଣ୍ଣ କରନ୍ତି, ସାର୍ଥକ କରନ୍ତି ନିଜର ପତିତପାବନ ନାମକୁ । ତାଙ୍କରି ଇଙ୍ଗିତରେ ଏହି ଅନନ୍ୟ ରାଜ-ରାଜେଶ୍ୱର ଲୀଳା ହିଁ ସମ୍ଭବ ହୋଇ ପାରିଛି ।

ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଦେଖିଲେ କୋଟି ଜନ୍ମର ପାତକ ଦୂର ହୋଇଯାଏ, ମିଳିଯାଏ ମୋକ୍ଷ । ଏଇ ଆଶାଟିକକ ପୋଷଣକରି ବଡ଼ଦାଣ୍ଡରେ ରୁଣ୍ଡ ହୋଇଯାନ୍ତି କୋଟି କୋଟି ଭକ୍ତ । ଆଖି ପୂରେଇ ଦେଖନ୍ତି ଚକା ନୟନଙ୍କୁ । ବହିଯାଏ ଆନନ୍ଦାଶ୍ରୁ । କିଏ ସ୍ତବ କରୁଥାଏ, କିଏ ସ୍ତୁତିରେ ମଗ୍ନ, କେହି ଉର୍ଦ୍ଧ୍ୱବାହୁ ହୋଇ ଗାନ କରନ୍ତି,

"କଦାଚିତ୍ କାଳିନ୍ଦୀତଟ
ବିପିନ ସଂଗୀତ କରବୋ
ସୁଦାଭୀରୀ ନାରୀ ବଦନ
କମଳ ସ୍ୱାଦ-ମଧୁପଃ ।
ରମାଶମ୍ଭୁ ବ୍ରହ୍ମା ସୁରପତି
ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥ ସ୍ୱାମୀ ନୟନ
ପଥଗାମୀ ଭବତୁମେ ।"

ତେତିଶ କୋଟି ଦେବତା ମଧ୍ୟ ଦେଖୁଥାନ୍ତି ଲୀଳାମୟଙ୍କ ରାଜବେଶ । ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥ । ତାଙ୍କର ଏପ୍ରକାର ଐଶ୍ୱର୍ଯ୍ୟମୟ ଲୀଳା କାହିଁ ସାରା ବିଶ୍ୱରେ ପରିଲକ୍ଷିତ ହୁଏ ନାହିଁ । ପ୍ରଭୁ ତ ସ୍ୱୟଂ ସୁବର୍ଣ୍ଣ ସଂସାର ବିଧାଣି । ତାଙ୍କୁ କିଏ ବା କେତେ ସୁନା ଦେବ ? ସେ ସୁବର୍ଣ୍ଣର ରାଜ-ରାଜେଶ୍ୱର । ତାଙ୍କରି ପଦାରବିନ୍ଦରେ ସାରାଜଗତ ଆଜି ଶରଣାପନ୍ନ । ରଥ ଉପରେ ସୁନାବେଶରେ ମହାପ୍ରଭୁ ଦେଖାଦେଲେ, ଓଡ଼ିଶା ପାଲଟିଯାଏ ଐଶ୍ୱର୍ଯ୍ୟମୟୀ, ବିଭବ ଶାଳିନୀ । ଏ ପରା କଳାସାଆନ୍ତଙ୍କ ଓଡ଼ିଶା, ସୁନାର ଦେଶ !

# ବଡ଼ଦାଣ୍ଡରେ ଜୀବ ଓ ପରମ



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଜୀବର ଆବେଦନ, ହୃଦୟର ଆବାହନର ଫଳ ହେଉଛି ରତ୍ନବେଦୀରୁ ପରମର ଅବତରଣ, ବଡ଼ଦାଣ୍ଡକୁ ଆଗମନ। ଅବତରଣ, ଆଗମନର ମୁହୂର୍ତ୍ତଗୁଡ଼ିକ ଅପ୍ରକାଶ୍ୟ, କେବଳ ଅନୁଭବ୍ୟ । ଦିବ୍ୟତ୍ୱରେ ପୂର୍ଣ୍ଣ ହୋଇଯାଏ ପଞ୍ଚଭୂତ । ବ୍ୟୋମରୁ ଝରିପଡ଼େ ବରାଭୟର ବିଭୂତି, ବାୟୁମଣ୍ଡଳ ସୁରଭିତ ହୁଏ ସକଳ ସକାରାତ୍ମକ ଶକ୍ତିର ସୁଗନ୍ଧରେ, ଭୂଭାଗରେ ଦୃଶ୍ୟ ହୁଏ ପୁଲକପ୍ଲାବିତ ଅଗଣିତ ନେତ୍ର, ପାରାବାରର ଜଳମଣ୍ଡଳରେ ଆଶିଷର ଅସଂଖ୍ୟ ଜୁଆର । ଜୀବର ଭକ୍ତିଭରା ମନୋମଣ୍ଡଳ ଉଦ୍ବେଳିତ ହୋଇଯାଏ ଅମୃତର ଉର୍ଦ୍ଧ୍ୱତମ ସୋପାନକୁ । କ୍ଷିତି, ଅପ, ତେଜ, ବ୍ୟୋମ, ମରୁତର ଉଲ୍ଲାସମୟ ଉତ୍ତରଣ ସତରେ ଅପୂର୍ବ, ଅନିର୍ବଚନୀୟ ।

ଚତୁର୍ଦ୍ଧା ମୂର୍ତ୍ତିଙ୍କର ମଧୁର ଯାତ୍ରା । ଭକ୍ତକୁଳର ମନୋଲୋଭା, ଏକ ବୈଶ୍ୱିକ, ବ୍ରହ୍ମାଣ୍ଡୀୟ ଶୋଭା ଏବଂ ମାନବ-ସମୁଦାୟର ବିପୁଳ ଜୀବନୀଶକ୍ତିର ସମନ୍ୱିତ ଆଭା । ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରାଙ୍କ ରଥତ୍ରୟ ସତେ ଯେମିତି ଆହ୍ୱାନ ଦେଉଛି ଐଶୀଶକ୍ତିର ଅନ୍ତହୀନ ସ୍ରୋତରେ ହାର୍ଦ୍ଦିକ ସ୍ନାନ, ଆତ୍ମିକ ଅବଗାହନ ନିମିତ୍ତ । ଜଳ, ସ୍ଥଳ, ଆକାଶର ଅମାପ ପରିସର ଭଳି ମଣିଷର ଜୀବନ ଅମାପ । ମଣିଷର ଅନ୍ତଃକରଣ ଅନନ୍ତ ଶକ୍ତିର ଉଜ୍ଜ୍ୱଳ ଉତ୍ସ । ପରମ ପୁରୁଷଙ୍କ ଜାଗତିକ ଐଶ୍ୱର୍ଯ୍ୟକୁ ଉପଲବ୍ଧି କରିବା ପାଇଁ ମଣିଷର ହୃଦୟଟିଏ ଅଛି ।

ବଡ଼ଦାଣ୍ଡରେ ଏବେବି ଭକ୍ତମାନେ ଖୋଜନ୍ତି ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଙ୍କୁ, ଯାହାଙ୍କ ହୃଦୟରୁ ଦିନେ ଝରିଆସିଥିଲା, 'ଯୋହି ରାମ ସୋୟି ଜଗଦୀଶା', 'ତୁଲସୀ, ୟହ ତନୁ କ୍ଷେତ ହୟ / ମନ ବଚ କର୍ମ କିଷାନ୍ / ପାପ ପୁଣ୍ୟ ଦୁଇ ବୀଜ ହୟ ।' ସନ୍ଥ କବୀର ଦାସଙ୍କ ହୃଦୟରେ ଦିନେ ଝଙ୍କାର ତୋଳିଥିଲା ଅମୃତମୟ ଶବ୍ଦ କେତୋଟି, 'କବୀରା, ସୋୟି ପୀର୍ ହୟ ଯୋ ଜାନେ ପର୍ ପୀର୍ ।' ଗୁରୁ ନାନକଙ୍କ ହୃଦୟରୁ ଉଦାତ୍ତ ସ୍ୱରରେ ସ୍ଫୁରିତ ହେଲା, 'ନାନକ୍, ନାନ୍ ହି ରହୋ ଯୈସେ ନାନ୍ ହି ଦୁବ୍ ।'

ଅତଏବ୍ ମଣିଷର ହୃଦୟଟିଏ ଅଛି ପରମ ପୁରୁଷଙ୍କ ସୂକ୍ଷ୍ମ ସତ୍ତାକୁ ଅନୁଭବ କରି ସତ୍ତା ସମକ୍ଷରେ ସ୍ୱୟଂ ସମର୍ପିତ ହୋଇଯିବା ପାଇଁ, ଶୁକ୍ଳକର୍ମ ନିର୍ବାହ ନିମିତ୍ତ ଶୁଦ୍ଧ ସଂକଳ୍ପ ଗ୍ରହଣ କରିବା ପାଇଁ, ବ୍ୟକ୍ତିସତ୍ତାକୁ ବିଶ୍ୱଜୀବନର ସମଗ୍ର ସତ୍ତା ସହିତ ସମ୍ମିଳିତ କରାଇ ସେବା, ସହାବସ୍ଥାନର ଅନ୍ତରଙ୍ଗ ସାଧନାରେ ଅଭିନିବିଷ୍ଟ ହବା ପାଇଁ । ଶ୍ରୀକ୍ଷେତ୍ରର ଶ୍ରୀସମ୍ପନ୍ନ ବଡ଼ଦାଣ୍ଡ ଆମକୁ ସେହି ସମର୍ପଣ, ସଂକଳ୍ପ, ସାଧନାର ସାତ୍ତ୍ୱିକ ସଂକେତ ଦେଉଛି କେବଳ ଦାରୁଭୂତ, ଲୀଳାମୟ ପୁରୁଷୋତ୍ତମଙ୍କ ନଅଦିନ ଯାତ୍ରାରେ ନୁହଁ, ଦୈନନ୍ଦିନ ଆମ ପାର୍ଥିବ ଜୀବନର ପ୍ରତି ମୁହୂର୍ତ୍ତ ଯାତ୍ରାରେ ।

ବଡ଼ଦାଣ୍ଡରେ ଭକ୍ତ ସ୍ମରଣ କରନ୍ତି ଶ୍ରୀ ଚୈତନ୍ୟଙ୍କ ଭକ୍ତିରସାଣିତ ଚିନ୍ତା ଚେତନା ଚରିତକୁ, ବିଭୁନାମ କୀର୍ତ୍ତନ କାଳରେ ଭକ୍ତିବିଭୋର ମୁହୂର୍ତ୍ତଗୁଡ଼ିକୁ । ଭକ୍ତର ମନୋଭୂମି ଆଚ୍ଛନ୍ନ ହୋଇଯାଏ ମାଧବାଚାର୍ଯ୍ୟ, ସାୟଣାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ରାୟ ରାମାନନ୍ଦଙ୍କ ଅନ୍ତରର ଦିବ୍ୟ ଆନନ୍ଦ ପ୍ରାଚୁର୍ଯ୍ୟରେ । ବଡ଼ଦାଣ୍ଡରେ ସ୍ପଷ୍ଟ ଶୁଭୁଥାଏ ତନ୍ତ୍ର ସାଧନାର ତପସ୍ୱୀ, ଯୋଗ ସାଧନାର ଯାଜ୍ଞିକ, ଜ୍ଞାନ ସାଧନାର ଅଗ୍ନିହୋତ୍ରୀ, ପ୍ରେମ ସାଧନାର ପରମାର୍ଥୀ, ଋଷି ନିଗମାନନ୍ଦଙ୍କ 'ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ପ୍ରଚାର'ର ଉଦ୍‌ଘୋଷଣା ।

ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥଗୁଡ଼ିକ ବଡ଼ଦାଣ୍ଡରେ ଗଡ଼ି ଗଡ଼ି ଯାଉଥିଲାବେଳେ ଭକ୍ତମାନଙ୍କ କର୍ଣ୍ଣକୁହରରେ ସତେ ଯେମିତି କେହି କହିଦେଉଥାଏ ମହର୍ଷି ବାଲ୍ମୀକିଙ୍କ କରୁଣାର କାଳଜୟୀ ବାଣୀ (ମା' ନିଷାଦ ପ୍ରତିଷ୍ଠାଂ ...) କିମ୍ବା ପରମ ପୁରୁଷଙ୍କ ସ୍ତୁତିପାଠ (ଆରାଧେୟ ଜଗନ୍ନାଥଃ ଇକ୍ଷ୍ୱାକୁ କୁଳ ଦୈବତମ୍), କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ବିନୟବ୍ୟଞ୍ଜିତ ଶବ୍ଦାବଳୀ (କରୌ ହରେର୍ମନ୍ଦିର ମାର୍ଜନାଦିଷୁ ...), ବିଲ୍ୱମଙ୍ଗଳଙ୍କ ପ୍ରାର୍ଥନା 'ହେ ଦେବ, ହେ ଦୟିତ, ହେ ଭୁବନୈକ ବନ୍ଧୋ', ଜୟଦେବଙ୍କ କାନ୍ତ କୋମଳ ପଦଟିଏ 'ପ୍ରଭୁ ତୁମେ ଦିନମଣି ମଣ୍ଡଳ ମଣ୍ଡନ', ସାଲବେଗଙ୍କ 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ', ଉପେନ୍ଦ୍ର ଭଞ୍ଜଙ୍କ 'ସେ କମ୍ବୁକଟକ ରାଜା ନାମ ଜଗନ୍ନାଥ', ଦୀନକୃଷ୍ଣଙ୍କ 'ଯୁଗ ଯୁଗର ସାଥି ଅଭେଦ ତା'ର ପ୍ରୀତି ତା' ଛନ୍ଦାଚରଣେ ମୁହିଁ ଦାସୀ / ମୋ ପ୍ରଭୁ ଜଗନ୍ନାଥ ସେ ଯେ କମଳାକାନ୍ତ ପୁରୁଷୋତ୍ତମ କ୍ଷେତ୍ରବାସୀ', ସାତଲହଡ଼ି ମଠର ମହନ୍ତ, ଓଡ଼ିଆ ଭାଗବତକାର, ପୁଣ୍ୟଶ୍ଳୋକ ଜଗନ୍ନାଥ ଦାସଙ୍କ ଦୁଇଟି ଧାଡ଼ି 'ଯାହାର ନାହିଁ ଆଦି ଅନ୍ତ / ଧ୍ୟାନେ ଚିନ୍ତନ୍ତି ମୁନି ସନ୍ଥ'।

ଯାହାର ଆଦି ନାହିଁ, ଅନ୍ତ ନାହିଁ, ଯିଏ ଅନାଦି, ଅନନ୍ତ, ଅକ୍ଷୟ, ଅଚ୍ୟୁତ, ଅବ୍ୟୟ ପୁରୁଷ, ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ, ମହୀମଣ୍ଡଳର ମହାନାୟକ, ବିଶ୍ୱଚିନ୍ତାମଣି ପରମ ପୁରୁଷ, ଯାହାଙ୍କୁ ମୁନି ସନ୍ଥମାନେ ଧ୍ୟାନରେ ଚିନ୍ତା କରନ୍ତି, ସେ ସ୍ୱୟଂ କ'ଣ ଭକ୍ତ କାନରେ କହିଦିଅନ୍ତି କି ଏସବୁ କଥା ! ଏହିପରି ହିଁ ବୋଧ ହେଉଥାଏ।

ରଥଗୁଡ଼ିକ ଘର୍ଘର ନାଦ କରି ଭକ୍ତମାନଙ୍କୁ ସତେ ଯେପରି କହୁଥାଆନ୍ତି, "ତୁମ ପ୍ରତ୍ୟେକଙ୍କ ଜୀବନରେ କେତେ ଜ୍ୱାଳା, ଜଂଜାଳ, ଯନ୍ତ୍ରଣା ଭରି ରହିଛି । ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟର ସହିତ ଜୀବନ-ଯାତ୍ରାରେ ଅଗ୍ରସର ହୁଅ । ତୁମ ପ୍ରତ୍ୟେକଙ୍କ ଘର ଗୋଟିଏ ଗୋଟିଏ ଶ୍ରୀମନ୍ଦିର । 'ଘର' ହେଉଛି ସକଳ ଜାଗତିକ ରମଣୀୟତାର ଘନୀଭୂତ ରୂପ । ଘର ଭିତର ପରିଷ୍କାର, ବାହାର ପରିଚ୍ଛନ୍ନ ରହୁ । ଘରେ ରହୁଥିବା ମଣିଷମାନଙ୍କର ଅନ୍ତଃକରଣ ପରିଷ୍କାର, ବାହ୍ୟ ଆବରଣ ପରିଚ୍ଛନ୍ନ ହେଉ । ଅର୍ଥାତ୍ ତୁମେ ଉଭୟ ଅନ୍ତରଙ୍ଗ ଓ ବହିରଙ୍ଗ ସୌନ୍ଦର୍ଯ୍ୟର ସାଧନାରେ ନିରତ ହୁଅ । ତୁମେ ଆଦର୍ଶ ଗୃହସ୍ଥ ହୁଅ । ଘରେ ଓ ବାହାରେ ବଡ଼ ସାନ 'ଜ୍ଞାନ' ରହୁ, ବଡ଼ ଅର୍ଥାତ୍ ବରିଷ୍ଠମାନଙ୍କୁ ସମ୍ମାନ, ସାନ ଅର୍ଥାତ୍ କନିଷ୍ଠମାନଙ୍କୁ ଶ୍ରଦ୍ଧାର ଭାବ ରଖ । ପରସ୍ପରକୁ 'ଉର୍ଜା' ବା ଶକ୍ତି ଯୋଗାଅ, ଜଣେ ତଳେ ପଡ଼ିଗଲେ ଆଉ ଜଣେ ତା'କୁ ଉପରକୁ ଉଠାଇନିଅ, ଅର୍ଥାତ୍ ପରସ୍ପର ପ୍ରତି ସହାୟତାର ହାତ ବଢ଼ାଇଦିଅ । ପ୍ରତ୍ୟେକେ 'ହିତାହିତ ବିଚାର' ରଖ, ଅର୍ଥାତ୍ ଯାହା ସମସ୍ତଙ୍କ ପାଇଁ ହିତ ତାହା କର, ଯାହା ଅହିତ ତାହା କର ନାହିଁ । ଘରେ ଯେଉଁ 'ଦେବ-ଆସନ' ପ୍ରତିଷ୍ଠା କରିଛ ତାହା ନିତ୍ୟ ଆନନ୍ଦର ସ୍ୱରୂପ ବୋଲି ବୁଝ । ଅନ୍ତରରେ ପବିତ୍ରତାର ଉତ୍ତରଣ ହେଲେ, ଘରେ ଓ ବାହାରେ ଆନନ୍ଦର ଜାହ୍ନବୀ ପ୍ରବାହିତ ହେବ, ତାହାହିଁ ହେବ ଦେବ-ଆସନର ଯଥାର୍ଥ 'ପୂଜା'। ଏତିକି ସ୍ମରଣ ରଖିଲେ ଘରଟି ରୂପାନ୍ତରିତ ହୋଇଯିବ ଗୋଟେ ଶ୍ରୀମନ୍ଦିରରେ । ପ୍ରତ୍ୟେକ ମଣିଷର ଜୀବନ-ରଥ ଗଡ଼ିଚାଲିବ ନିର୍ବିଘ୍ନରେ, ନିରାପଦରେ।"

ମହାତ୍ମାମାନେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ନୀଳାଦ୍ରିବିହାରୀଙ୍କ ଦର୍ଶନ ନିମିତ୍ତ । ବଡ଼ଦାଣ୍ଡ କୋଳେଇ ନେଇଛି ସମସ୍ତଙ୍କୁ ଆଦରରେ, ଆନନ୍ଦରେ । ସେହି ଆଦର, ଆନନ୍ଦର ଆକର୍ଷଣରେ ଭକ୍ତକୁଳ ସବୁ କାଳରେ ଆସୁଛନ୍ତି ଶ୍ରୀକ୍ଷେତ୍ରକୁ, ସବୁଠି ଧ୍ୱନିତ ହେଉଛି ଗୋଟିଏ ସ୍ୱର 'ମୁଁ କ୍ଷେତ୍ର ଯିବି ...'। ଶ୍ରୀକ୍ଷେତ୍ରରେ ନେତ କହୁଛି 'ମୁକ୍ତ ସମୀରଣର ମୃଦୁଳ କମ୍ପନକୁ ଅନୁଭବ କର', ମନ୍ଦିର କହୁଛି, 'ହୃଦୟରେ ମମତାର ଦ୍ୱାର ଉନ୍ମୁକ୍ତ କର', ଦିଅଁମାନେ କହୁଛନ୍ତି, 'ଦେବତ୍ୱରେ ଅଧିରୂଢ଼ ହୁଅ', ବାଇଶି ପାହାଚ କହୁଛି, 'ଆରୋହଣ, ଅବରୋହଣର ପ୍ରତିଟି ମୁହୂର୍ତ୍ତରେ ଜଗତ୍ ବା ବ୍ରହ୍ମାଣ୍ଡ ଈଶଙ୍କୁ ସ୍ମରଣ କର', ଆନନ୍ଦବଜାର କହୁଛି, 'ସାତ୍ତ୍ୱିକ ଖାଦ୍ୟରେ ଦିବ୍ୟ ଆନନ୍ଦର ଅମୃତକୁ ଆକଣ୍ଠ ପାନ କର', ଭକ୍ତ ଗରୁଡ଼, ଅରୁଣ କହୁଛନ୍ତି, 'ଜୀବନରେ ଭଗବତ୍ ଭାବ ବିଭବ ଅର୍ଜନ କର', ବଡ଼ଦାଣ୍ଡ କହୁଛି, 'ମନୋଭୂମିକୁ ପ୍ରଶସ୍ତ କରି ପୁରୁଷୋତ୍ତମଙ୍କୁ ସଂସ୍ଥାପନ କର', ରଥମାନେ କହୁଛନ୍ତି, 'ଐଶୀ ଚେତନାରେ ସ୍ଥିତ ହୋଇ ଜୀବନ ଓ ଜଗତ୍‌କୁ ରମଣୀୟ କର, ଜୀବନ-ଯାତ୍ରାକୁ ମଧୁମଂଜୁଳ କର', ସମୁଦ୍ର କହୁଛି, 'ମମତା ଓ ଦୟାର ସଲିଳରେ ହୃଦୟକୁ ସିକ୍ତ କର' । ବଡ଼ଦାଣ୍ଡରେ ଜୀବ ଓ ପରମର ମିଳନ ବେଳାରେ ଭକ୍ତମାନଙ୍କ କର୍ଣ୍ଣରେ ଧ୍ୱନିତ ହେଉଛି ଏହି ଆହ୍ୱାନସବୁ ।

# ରଥରେ 'ଚାରମାଳ'



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଶ୍ରୀ ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ମୁଖ୍ୟ ଯାତ୍ରା ହେଉଛି ରଥଯାତ୍ରା । ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତି ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରା । ଶ୍ରୀମନ୍ଦିର ରଥର ନିର୍ମାଣ କୌଶଳ ଯେତିକି ଭିନ୍ନ,ବିଭିନ୍ନ ଅଂଶର ନାମକରଣ ସେତିକି ରୋଚକ । ରଥ ଚକ ଠାରୁ ଆରମ୍ଭ କରି ଅଗ୍ର ଭାଗରେ କନା ପର୍ଯ୍ୟନ୍ତ ପ୍ରତ୍ୟେକଟି ଅଂଶର ନାମ ଭିନ୍ନଭିନ୍ନ ରହିଥାଏ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସନ୍ଦର୍ଶନ କରିବା ପାଇଁ ସତେ ଯେମିତି ଦେବଦେବୀଙ୍କ ସହିତ ସମଗ୍ର ଜୀବଜଗତ ଏକାଠି ହୁଅନ୍ତି । ଏହି ସମୟରେ ଗୋଟିଏ ସାଧାରଣ ଜିନିଷ ଯାହା ଅସାଧାରଣ କାର୍ଯ୍ୟ ପାଇଁ ବ୍ୟବହୃତ ହୁଏ,ତାହା ହେଉଛି 'ଚାରମାଳ' । ରଥଯାତ୍ରା ସମୟରେ ଶ୍ରୀଜିଉମାନେ ରଥକୁ ପହଣ୍ଡିରେ ଯିବା ଓ ରଥ ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ପହଞ୍ଚିବା ପରେ ରଥରୁ ଓହ୍ଲାଇବା, ବାହୁଡା ଯାତ୍ରା ଦିନ ରଥରେ ପୁଣି ବଡଦାଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବା, ନିଳାଦ୍ରୀ ବିଜେ ଦିନ ରତ୍ନ ସିଂହାସନକୁ ବିଜେ କରିବା ସମୟରେ ଚାରମାଳ ହିଁ ଏକମାତ୍ର ମାଧ୍ୟମ । କହିବାକୁ ଗଲେ ଚାରମାଳ ହିଁ ଶ୍ରୀଜିଉମାନଙ୍କ ପାଇଁ ସିଡି ବା ପାହାଚ ଭାବେ କାମ କରିଥାଏ । ଚାରମାଳ ଉପର ଦେଇ କେବଳ ଠାକୁର ନୁହନ୍ତି, ବରଂ ରଥ ସେବକଙ୍କ ସମେତ ସାରଥୀ, ଶ୍ରୀଜିଉଙ୍କ ସିନ୍ଦୁକ ଆଦି ରଥ ଉପରକୁ ଯାଇଥାନ୍ତି ।

ନୀଳାଦ୍ରି ବିଜେ ଦିନ ବଡ ଠାକୁର ଓ ମା ସୁଭଦ୍ରା ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ସାରିବା ପରେ ଆରମ୍ଭ ହୋଇଥାଏ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି । ପହଣ୍ଡିର ଆଦ୍ୟ ପର୍ବରେ ମହାପ୍ରଭୁ ଚାରମାଳରେ ଉପସ୍ଥିତ ଥିବା ବେଳେ ମା'ଲକ୍ଷ୍ମୀ ମହାପ୍ରଭୁଙ୍କ ଆଗମନ ଖବର ପାଇ ଭେଟମଣ୍ଡପକୁ ଆସି ହୃଦୟରେ ଅଜସ୍ର ଶ୍ରଦ୍ଧା ଓ ମନରେ ଗଭୀର ଅଭିମାନ ରଖି ଜଗତରନାଥ ମହାପ୍ରଭୁ ଜଗନ୍ନାଥଙ୍କୁ ଅବଲୋକନ କରିଥାନ୍ତି । ଏହି ଚାରମାଳ ହେଉଛି ତାଳ ଗଛର ଗଣ୍ଡି । ତାଳ ଗଛର ପଟା ଓ ନଡିଆ କତାକୁ ନେଇ ଚାରମାଳ ତିଆରି ହୋଇଥାଏ । ତାଳ ଗଛ ସବୁ ପୁରୀ ସହର ଆଖପାଖ, ଡେଲାଙ୍ଗ, କଣାସ ଆଦି ଅଞ୍ଚଳରୁ ଅଣାଯାଇଥାଏ । ଅନେକ ଭକ୍ତ ମଧ୍ୟ ନିଜ କ୍ଷେତବାଡିରେ ଥିବା ତାଳ ଗଛକୁ ବିନା ମୂଲ୍ୟରେ ଶ୍ରୀମନ୍ଦିରକୁ ଯୋଗାଇ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ତେବେ ଚାରମାଳର ତିଆରି କୌଶଳ ନିଆରା । ଯେଉଁ ତାଳ ଗଛର ବୟସ ପଚାଶ ବର୍ଷରୁ ଅଧିକ ହୋଇଥାଏ ତାହା ହିଁ ଚାରମାଳ ପାଇଁ ବ୍ୟବହୃତ ହୋଇଥାଏ । ଯେଉଁ ତାଳ ଗଛ ମୂଳ ଆଡୁ ଅଗ୍ର ଭାଗ ଯାଏ ସିଧା ହୋଇଥାଏ ସେହି ତାଳ ଗଛକୁ ଚାରମାଳ ପାଇଁ କଟା ଯାଇଥାଏ । ତାଳ ଗଛ କଟା ଯିବା ପରେ ଭିତର ଅଂଶ ଯଦି ଧଳା ହୋଇଥାଏ ତାହା ଚାରମାଳ ପାଇଁ ବ୍ୟବହାର ଯୋଗ୍ୟ ହୁଏ ନାହିଁ । କେବଳ ଭିତର କଳା ଅଂଶ ଥିବା ତାଳ ଗଛ ଚାରମାଳ ପାଇଁ ବ୍ୟବହାର ଯୋଗ୍ୟ ହୁଏ। ଚାରମାଳ ତିଆରି ସମୟରେ ନଡିଆ କତାକୁ ଖୁବ ଶକ୍ତ ଭାବରେ ବନ୍ଧା ଯାଇଥାଏ। ଗତବର୍ଷ ଶରଧାବାଲିରେ ତାଳଧ୍ୱଜ ରଥର ଚାରମାଳ ଉପରୁ ବଡଠାକୁର ପଡିଯିବା ଫଳରେ ଅନେକ ସେବାୟତ ଚାପି ହୋଇ ରହିଯାଇଥିଲେ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଚଳିତ ବର୍ଷ ଚାରମାଳ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି।

ରଥ ନିର୍ମାଣ କାର୍ଯ୍ୟରେ ପରମ୍ପରା ଅନୁସାରେ ଆଠ ପ୍ରକାର ସେବକ ନିଯୁକ୍ତ ହୋଇଥାନ୍ତି । ସେମାନଙ୍କର ସମ୍ମିଳିତ ଶ୍ରମ ଦାନରେ ନିର୍ମାଣ ହୋଇଥାଏ ନନ୍ଦିଘୋଷ,ତାଳଧ୍ୱଜ ଓ ଦେବଦଳନ ରଥ । ରଥ ଗଢା ଠାରୁ ରଥ ଭଙ୍ଗା ପର୍ଯ୍ୟନ୍ତ ଭୋଇ ସେବକ ସାହାଯ୍ୟ କରିଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିର ୫୭ ନମ୍ବର ସେବାରେ ଭୋଇମାନଙ୍କ ସେବା ସମ୍ପର୍କରେ ଉଲ୍ଲେଖ ଅଛି । ରଥ ଟଣା ସମୟରେ ବ୍ରେକ୍ ଦଉଡି ତାଙ୍କ ଦାୟିତ୍ୱରେ ରହିଥାଏ । ଗୁଣ୍ଡିଚା ଯାତ୍ରା ଓ ବାହୁଡା ଦିନ ମହାପ୍ରଭୁଙ୍କ ପହଣ୍ଡି ପୂର୍ବରୁ ଚାରମାଳକୁ ଭୋଇ ସେବକମାନେ ରଥରେ ବାନ୍ଧିଥାନ୍ତି ଓ ଗଜପତି ମହାରାଜାଙ୍କ ଛେରାପହଁରା ପରେ ରଥରୁ ଖୋଲିଥାନ୍ତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୭ ଜୁଲାଇ ୨୦୨୫ ସୋମବାର





# କଚ୍ଚା ରାସ୍ତା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ



**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ରାଇରଂଗପୁର ଉପଖଣ୍ଡର ନନ୍ଦାବସା ଗ୍ରାମରେ ପକ୍କାରାସ୍ତା କେବେ ନିର୍ମାଣ ହେବ ? କଚ୍ଚାରାସ୍ତା ପାଇଁ ଜମ ଯନ୍ତ୍ରଣା ଅନୁଭବ କରୁଛନ୍ତି ଗ୍ରାମବାସୀ। ପକ୍କା ରାସ୍ତା ଶୂନ୍ୟ ଗ୍ରାମ ହେଉଛି ନନ୍ଦାବସା। ଗ୍ରାମର ୯୦ ପ୍ରତିଶତ ରାସ୍ତା କାଦୁଅ ପଚପଚ। ତଥାପି ଚାଲିଛି ଗରିବ ଆଦିବାସୀଙ୍କ ଗମନାଗମନ ଏବଂ ଚାଲିଛି ଜୀବନ। ସମୁଦ୍ରକୁ ଶଙ୍ଖେ ପାଣି ଭଳିଆ ୪ କିଲୋମିଟର ରାସ୍ତାକୁ ପୂର୍ବତନ ସରକାର ସମୟରେ ୩ ଲକ୍ଷ ଟଙ୍କାର ଅନୁଦାନ ଦେଇ ଗ୍ରାମବାସୀଙ୍କୁ ଉପହାସ କରିଥିଲେ। ୪ କିଲୋମିଟର କଚ୍ଚା ରାସ୍ତାରେ ତିନି ଲକ୍ଷ ଟଙ୍କାର ରାସ୍ତା କେମିତି ନିର୍ମାଣ ହେବ ବିଭାଗ ପାଖରେ ପଡ଼ିଛି ଚିନ୍ତା। ଗ୍ରାମବାସୀ ପଞ୍ଚାୟତରୁ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କଲେ ମଧ୍ୟ ଫଳ ଶୂନ୍ୟ। ଏଭଳି ଏକ ଶୋଚନୀୟ ରାସ୍ତା ଦେଖିବାକୁ ପାଇବେ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଯଶିପୁର ଗ୍ରାମପଞ୍ଚାୟତର ନନ୍ଦାବସା ଗ୍ରାମରେ। ଏହା ଏକ ଆଦୀବାସୀ ବହୁଳ ଗ୍ରାମ। ଗ୍ରାମର ୩ଟି ସାହି (ଆହାରଟୋଲା, ରୁହିନଟୋଲା ଓ ଚଟାଣୀସାହି)ର ୪ କିଲୋମିଟର ରାସ୍ତା କାଦୁଅ ପଚପଚ। ତେବେ ଏହି ୩ଟି ସାହିରେ ଶତାଧିକ ପରିବାର ବସବାସ କରିଥିବା ବେଳେ ରାସ୍ତା ଖରାପ ଥିବାରୁ ଆଜିବି ରୋଗୀ ଓ ପ୍ରସୁତିଙ୍କୁ ଖଟିଆ ଭରସା। କାଦୁଅ ପଚପଚ ରାସ୍ତା ପାଇଁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ମଧ୍ୟ ଯାଉନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଗମନାଗମନକୁ ପ୍ରାଥମିକ ଦେଇଥିବା ବେଳେ କିଭଳି ଗାଁରୁ ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇପାରିବ ସେଥିପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା କରିଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୁର୍ଗମର ରାସ୍ତା ଉପରେ ନାହିଁ ନଜର ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଜନ ଏହି ରାସ୍ତା ଉପରେ ଯଥାଶୀଘ୍ର ଧ୍ୟାନ ଆକର୍ଷଣ କରି ନୂତନ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ସରକାରଙ୍କ ପାଖରେ ନିବେଦନ କରିଛନ୍ତି।

# ରାସ୍ତା ସଂକୀର୍ଣ୍ଣ ଓ ଜବରଦଖଲ ଯୋଗୁ 'ଆମ ବସ୍' ସେବାରୁ ଅନେକ ରୁଟ୍ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରବାସୀ ସୁଲଭ ଦରରେ ଆରାମଦାୟକ ବସ୍‌ଯାତ୍ରା ପ୍ରଦାନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଆମ ବସ୍ ସେବା। ସିଆର୍‌ୟୁଟି ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ସହରର ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ଜବରଦଖଲ କାରଣରୁ ଅଧିକାଂଶ ଅଞ୍ଚଳକୁ ସହରବାସୀ ଆମ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। କେବଳ କିଛି ହାତଗଣତି ସ୍ଥାନକୁ ବାଦ ଦେଲେ ଅନ୍ୟ ପ୍ରମୁଖ ସ୍ଥାନମାନଙ୍କୁ ଆମ ବସ୍ ସେବା ଉପଲବ୍ଧ ହୋଇପାରୁନାହିଁ। ଫଳରେ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ସେବା ଫଳପ୍ରଦ ହୋଇପାରୁନଥିବା ଅଭିଯୋଗ ହୋଇଛି। ୨୦୨୪ ମାର୍ଚ୍ଚ ୯ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ସହରରେ ମୋ ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪ଟି ରୁଟ୍‌ରେ ୧୫ଟି ବସ୍ ଗଡ଼ିଥିଲା। ସ୍ଥାନୀୟ ହଳଦିଆପଦର ବସ୍‌ଷ୍ଟାଣ୍ଡରୁ ଏହାର ଶୁଭାରମ୍ଭ ହୋଇଥିଲା। ୫ଟି ଏସି ବସ୍ ଓ ୧୦ଟି ବିନା ଏସି ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସହ ଅନ୍ୟ ଏକ ରୁଟ୍ ଯୋଡ଼ିବା ସହ ବର୍ତ୍ତମାନ ୫ଟି ରୁଟ୍‌ରେ ୧୯ଟି ବସ୍ ଯାତାୟତ କରୁଛି। ପୂର୍ବରୁ ରହିଥିବା ବିନା ଏସି ବସ୍‌କୁ ଅପସାରଣ କରି ସମସ୍ତ ଗାଡ଼ି ସମ୍ପୂର୍ଣ୍ଣ ଏସି କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସହରର ଅଧିକାଂଶ ସ୍ଥାନକୁ ଆମ ବସ୍



ଗଡୁନି। କିଛି ହାତ ଗଣତି ରୁଟ୍‌ରେ ଯାତାୟାତ କରୁଛି। ଏଥିନେଇ ସହରବାସୀ ବହୁବାର ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ୩୦୦ ନମ୍ବର ରୁଟ୍‌ରେ ନିଷ୍ଟ କଲେଜ ଠାରୁ ଫାଷ୍ଟଗେଟ୍, ୩୦୧ରେ ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାରାକ୍ ପଡ଼ିଆ ଭାୟା ଆଙ୍କୁଲି, ୩୦୨ରେ ବ୍ରହ୍ମପୁର ରେଳଷ୍ଟେସନ୍ ଠାରୁ ରେଗିଡ଼ି ଭାୟା ଗୁରୁଣ୍ଟି, ୩୦୩ରେ ନୂଆ ବସ୍‌ଷ୍ଟାଣ୍ଡରୁ ଆର୍ମି ଏଡ଼ି କଲେଜ ଓ ୩୦୪ରେ ବ୍ରହ୍ମପୁର ରେଳଷ୍ଟେସନ୍ ଠାରୁ ଡ଼ି. ପାଟପୁରକୁ ଗଡୁଛି। ସହର ସମେତ ଆଖପାଖ ଗ୍ରାମବାସୀ ମଧ୍ୟ ଆମ ବସ୍ ସଂଯୋଗୀକରଣ କରିବାକୁ ଦାବି କରୁଛନ୍ତି। କିନ୍ତୁ ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ପ୍ରଶାସନିକ ଅନୁମତି ମିଳିନଥିବାରୁ ଏହା ସମ୍ଭବ ହୋଇପାରୁନାହିଁ। ଅଧିକାଂଶ ସ୍ଥାନରେ ଜବରଦଖଲ ହୋଇଥିବା ଯୋଗୁଁ ଏହି ଅତ୍ୟାଧୁନିକ ବସ୍‌କୁ ନେବାଆଣିବା ଅସୁବିଧା ହେଉଥିବା କାରଣରୁ ଏହି ପ୍ରସ୍ତାବକୁ ବିଚାରଧୀନ ରଖାଯାଇଥିବା ସିଆର୍‌ୟୁଟିର ବରିଷ୍ଠ ଅଧିକାରୀ କହିଛନ୍ତି। ପରିବହନ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁରକୁ ଆମ ବସ୍ ଯାତାୟାତ କରୁନାହିଁ। ତୁରନ୍ତ ବ୍ରହ୍ମପୁରରୁ ଗୋପାଳପୁରକୁ ଆମ ବସ୍ ସେବା ଆରମ୍ଭ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଘରୋଇ କମ୍ପାନୀର ଅବହେଳା:ସ୍ମାର୍ଟସିଟି ଭୁବନେଶ୍ୱର ହରାଉଛି ସୌନ୍ଦର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ବଢ଼ିଚାଲିଛି ଘରୋଇ ଟେଲିଫୋନ୍ କମ୍ପାନୀଙ୍କ ମନମାନି। ଯେଉଁଠି ପାରୁଛନ୍ତି, ସେଠି ମନଇଚ୍ଛା ଗାତ ଖୋଳୁଛନ୍ତି ଓ ମରାମତି ଆଳରେ ମାସ ମାସ ପକାଇ ରଖୁଛନ୍ତି। ଯାହା ସ୍ମାର୍ଟ ସିଟି ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ବିଗାଡ଼ିବାରେ ଲାଗିଛି। ଅପରପକ୍ଷେ ମାସ ମାସ ଧରି ଗର୍ତ୍ତ ସବୁ ମରାମତି ନହେବା ଫଳରେ ଉଭୟ ପଥଚାରୀ ଓ ଗାଡ଼ିଚାଳକଙ୍କ ପାଇଁ ଏହା ବିପଦ ସାଜିଛି। ଏଥିପାଇଁ ଅସହ୍ୟ ଟ୍ରାଫିକ୍ ସମସ୍ୟା ବି ଉପୁଜୁଛି। ଲୋକେ ଅନ୍ୟମନସ୍କରେ ଏଥିରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି ଓ ଗୋଡ଼ହାତ ଭାଙ୍ଗୁଛନ୍ତି। ଏବେ ବର୍ଷା ଦିନ ଚାଲିଛି। ଖୋଳା ହୋଇଥିବା ଗର୍ତ୍ତ ସବୁ ପାଣିରେ ଭରିଯିବ। ଯାହା ଗାଡ଼ିଚାଳକଙ୍କ ପାଇଁ ଆହୁରି ପ୍ରାଣଘାତକ ହେବାକୁ ଯାଉଛି। ଯଦି ସଂପୃକ୍ତ ସଂସ୍ଥା ନିଜେ ରାସ୍ତା ଖୋଳି ସର୍ତ୍ତ ସମୟସୀମା ଭିତରେ ମରାମତି ନ କରେ, ସେମାନେ ଦେଇଥିବା ଅମାନତ ରାଶିକୁ ବିଏମ୍‌ସି ନିଜେ ମରାମତିରେ ଖର୍ଚ୍ଚ କରିପାରିବାର ବ୍ୟବସ୍ଥା ରହିଛି। ଏପରିକି ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ। ୧୮୬ ବର୍ଗ କିଲୋମିଟର ବ୍ୟାପ୍ତ ବିଏମ୍‌ସିରେ ୬୭ଟି ୱାର୍ଡ ରହିଛି। ୬୭ ୱାର୍ଡରେ ଉଭୟ ପିଚୁ ଓ କଂକ୍ରିଟ୍ ରାସ୍ତାକୁ ମିଶାଇ ୯୧୫.୧୨ କିଲୋମିଟର ରାସ୍ତା ରହିଛି। ସବୁ ୱାର୍ଡ ସମାନ ସ୍ଥିତି। ସବୁଠି ଉଭୟ ସରକାରୀ ଓ ବେସରକାରୀ ଟେଲିଫୋନ୍ କମ୍ପାନୀ ହୁଅନ୍ତୁ କି ବିଦ୍ୟୁତ୍ ଅବା ଅନ୍ୟ କମ୍ପାନୀ, ତାର ବିଛାଇବା ଆଳରେ ରାସ୍ତା ଖୋଳି ପକାଉଛନ୍ତି। କିଛି ଜାଗାରେ ୨୦୦/୩୦୦ ମିଟର ବି ଖୋଳି ଛାଡ଼ି ଦିଆଯାଉଛି।



ସତ୍ୟନଗର, ନୂଆପଲ୍ଲୀ ସିଆର୍‌ପିଏଫ୍ କାର୍ଯ୍ୟାଳୟ ମୁଖ୍ୟ ଗେଟ୍ ସମ୍ମୁଖ, ୟୁନିଟ୍-୮ କଲ୍ୟାଣମଣ୍ଡପ ନିକଟ ମୁଖ୍ୟରାସ୍ତା, ପାୱାର ହାଉସ୍ ଛକ, ନ'ତାଲା ଆଦି ଅଞ୍ଚଳ ସହ ସହରର ବିଭିନ୍ନ ସ୍ଥାନରେ ଏପରି ଦେଖିବାକୁ ମିଳିଛି। ଟେଲିଫୋନ୍ ତାର ବିଛାଇବା ପାଇଁ ଉଭୟ ସରକାରୀ ଓ ବେସରକାରୀ ଟେଲିଫୋନ୍ କମ୍ପାନୀମାନେ ମାସ ମାସ ଧରି ଏଠାରେ ଗାତ ଖୋଳି ପକାଇ ରଖିଛନ୍ତି। ଯାହା ଚାଳକଙ୍କ ଅସୁବିଧାରେ ପକାଉଥିବାବେଳେ ବର୍ଷାରେ ବିପଦ ସାଜିଛି। ନିୟମ ଅନୁଯାୟୀ, ସବୁ ସଂସ୍ଥା ଏଚ୍‌ଡିଡି ମେସିନ୍ ଜରିଆରେ ତାର ବିଛାଇବେ। ଯଦି ପିଚୁ, କଂକ୍ରିଟ୍ କି ପେଭର୍ ବ୍ଲକ ରାସ୍ତା ଖୋଳିବା ଆବଶ୍ୟକ ପଡ଼େ, ସେଥିପାଇଁ ବିଏମ୍‌ସି ପାଖରେ ଧାର୍ଯ୍ୟ ଟଙ୍କା ଜମା କରିବେ। ଏହାବାଦ୍ ପ୍ରତି ମିଟର ପିଛା ୧୦୦ ଟଙ୍କା ଲାଇସେନ୍ସ ଫି ଦାଖଲ କରିବେ। ଲାଇସେନ୍ସ ଫି ଫେରସ୍ତଯୋଗ୍ୟ ଓ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଏଥିପାଇଁ ରହିଛି। ଯଦି ସଂପୃକ୍ତ ଟେଲିଫୋନ୍ ସଂସ୍ଥା ରାସ୍ତା ଖୋଳି ସମୟସୀମା ଭିତରେ ଏହାକୁ ମରାମତି ନ କରନ୍ତି, ଲାଇସେନ୍ସ ଫି ଓ ସଂସ୍ଥା ଜମା କରିଥିବା ଅର୍ଥରେ ବିଏମ୍‌ସି ଏହାର ମରାମତି କରିବ। କିନ୍ତୁ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଇଂ. ଜଗନ୍ନାଥ ପ୍ରଧାନ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ଯାଞ୍ଚ କରୁଛୁ ଓ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛୁ। ତଥାପି କିଛି କିଛି ଜାଗାରେ ଏମାନେ ସର୍ତ୍ତାବଳୀକୁ ଅମାନ୍ୟ କରୁଥିବା ଆମ ନଜରକୁ ଆସୁଛି। ଏ ଦିଗରେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଛନ୍ତି।

# କେନ୍ଦ୍ରାପଡା ପୌରସଂସ୍ଥାରେ କର୍ମଚାରୀ ଅଭାବ:ବିକାଶ କାର୍ଯ୍ୟ ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡା ପୌରସଂସ୍ଥାର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଏକ ପ୍ରକାର ବନ୍ଦ ହୋଇପଡିଥିବା ଜଣାପଡିଛି। ନିକଟରେ ହୋଇଥିବା ପୌର ସଭ୍ୟ ମାନଙ୍କ ଜରୁରୀ ବୈଠକରେ ଏନେଇ ବିଭିନ୍ନ ୱାର୍ଡର କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୌରାଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ପ୍ରଦୀପ୍ତ ଜେନା, ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ କାଉନସିଲର ମାନେ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହୋଇ ପଡିରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ପୌରସଂସ୍ଥାର କର୍ମଚାରୀ ଅଭାବରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତଦାରଖ କରିବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ପୈଠ କରିବା ଅଦି କାର୍ଯ୍ୟ ହେଉନଥିବାରୁ କୌଣସି କାର୍ଯ୍ୟ ହୋଇପାରୁନାହିଁ। ନିକଟରେ ହୋଇଥିବା ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୫୦ଟି ଟେଣ୍ଡର ଡକାଯାଇ ଅନୁମୋଦନ ପାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ କରାଯାଇ ପାରୁନାହିଁ। ମ୍ୟୁନିସିପାଲିଟିର କୌଣସି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ କିମ୍ବା ଏମଇ ନଥିବାରୁ କାର୍ଯ୍ୟ ଆରମ୍ଭ କରିବା ଓ ତଦାରଖ କରିବା ସମ୍ଭବ ହୋଇପାରୁନାହିଁ। ସେହିଭଳି କୌଣସି ହିସାବ ରକ୍ଷକ (ଆକାଉଟାଣ୍ଡ) ନଥିବାରୁ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ଆକାଉଟାଣ୍ଟଙ୍କୁ ସପ୍ତାହରେ ୩ଦିନ ପାଇଁ କେନ୍ଦ୍ରାପଡାରେ କାମ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସମୟ ଅଭାବରୁ ସେ ନିୟମିତ ଆସିପାରୁନାହାଁନ୍ତି କିମ୍ବା ହୋଇଥିବା କାମ ପାଇଁ ଅର୍ଥ ପୈଠ କରିପାରୁନାହାଁନ୍ତି। ସେହିଭଳି ରାଜ୍ୟ ସରକାର ପୌରସଂସ୍ଥାର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସାଢେ ୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ କା ନେଇଥିବା ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ ନକରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଠାରୁ ସ୍ପଷ୍ଟିକରଣ ଲୋଡିଥିବାରୁ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁନାହିଁ। ମ୍ୟୁନିସିପାଲିଟିର ଏକମାତ୍ର ରାଜସ୍ୱ ନିରିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଓ ଅନ୍ୟ ୫ଜଣ କର୍ମଚାରୀ ନିକଟରେ ଅବସର ନେଇଥିବାରୁ ସେମାନଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଏକ ପ୍ରକାର ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିଭାଗୀୟ ଅଧିକାରୀ ମାନେ କିମ୍ବା ଜିଲ୍ଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉନଥିବାରୁ ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ପୌର କାର୍ଯ୍ୟାଳୟର ପରିଚାଳନା ଓ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବାରୁ ନିର୍ବାଚିତ କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ବଣ-ପାହାଡ଼ ଇଲାକାବାସୀଙ୍କ ମୁହଁରେ ହସ ଫୁଟିବ କେବେ ?

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ବାହାରି ଲୋକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିବା ବେଳେ ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ଅବସ୍ଥା କିନ୍ତୁ ବିପର୍ଯ୍ୟସ୍ତ। ଯନ୍ତ୍ରଣାରେ ଜର୍ଜରିତ ପାହାଡ଼ି ଗ୍ରାମଗୁଡିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନରେ ହସ ଫୁଟିବ କେବେ। ନିର୍ବାଚନ ଆସେ ଓ ଯାଏ। ଲୋକଙ୍କୁ ପ୍ରତିଶ୍ରୁତି ଦେଇ ନେତା ଓ ମନ୍ତ୍ରୀ ଚାଲିଯାନ୍ତି। ପ୍ରତିଶ୍ରୁତି କେବଳ ପାଣି ଗାର ସଦୃଶ୍ୟ ହୁଏ। ଆଜି ବି ଲୋକେ ମୌଳିକ ସୁବିଧା ପାଇଁ ଆନ୍ଦୋଳନ କରିବାକୁ ପଛାଉନାହାନ୍ତି। କିନ୍ତୁ, ମିଳୁଛି କଣ। କେବଳ ପ୍ରତିଶ୍ରୁତି। ଯଦି ଦେଖିବା ଜିଲ୍ଲାର ଖଇରପୁଟ ବ୍ଲକର ରାସବେଡା ପଞ୍ଚାୟତରର ଡାଗବେଡା, ବଣ୍ଡାଘାଟିର ବନ୍ଧଗୁଡ଼ା, କିର୍ସାନିପଡା ଭଳି ବହୁ ଗ୍ରାମ ପାହାଡ଼ି ହୋଇଥିବା ବେଳେ ପ୍ରଶାସନ ଅଧିକାରୀଙ୍କ ପାଦ ଏହି ଗାଁ ମାନଙ୍କରେ କେବେ ପଡିନାହିଁ। ଦୁଇ ଆଦିମ ଜନଜାତି ବଣ୍ଡା ଓ ଡାଡାୟୀ ଦଶନ୍ଧି ଦଶନ୍ଧି ଧରି ନିଜର ଭାଗ୍ୟକୁ ଆଦରି ଏହି ପାହାଡି ଗାଁମାନଙ୍କରେ ପାହାଡ ଉପରେ ନିର୍ଭର କରି ଜୀବନ ବିତାଉଛନ୍ତି। ପାହାଡ଼ିଆ ରାସ୍ତାରେ ଚାଲିବାରେ ଏମାନେ ଅଭ୍ୟସ୍ତ। ପାଣି ପାଇଁ ବର୍ଷ ତମାମ ପାହାଡ଼ିଆ ଝରଣା ଏବଂ ଚୁଆ ଉପରେ ହିଁ ନିର୍ଭର କରନ୍ତି। ବହୁ ସମୟରେ ପାଣି ପାଇଁ ମାଇଲ ମାଇଲ ବାଟ ମଧ୍ୟ ଚାଲିବାକୁ ପଡ଼େ। ରାସ୍ତା ନଥିବାରୁ ଗାଁକୁ ନା ଆମ୍ବୁଲାନ୍ସ ଆସୁଛି ନା କୌଣସି ସରକାରୀ ବାବୁଙ୍କ ପାଦ ପଡୁଛି। ରୋଗୀ ଓ ଗର୍ଭବତୀ ତଥା ପ୍ରସୂତୀଙ୍କୁ କାଉଡି କରି କିମ୍ବା ଖଟିଆରେ ମେଡିକାଲ ନେବାକୁ ପଡିଥାଏ। ଅଜଣା ରୋଗର ଶିକାର ହୋଇ ଅକାଳରେ ବହୁ ଲୋକଙ୍କ ଜୀବନ ଯାଏ। ଏହାର ହିସାବ ନା ସ୍ୱାସ୍ଥ୍ୟ ବିଭାଗ ପାଖରେ ନା ପ୍ରଶାସନ ପାଖରେ ରହିଛି। ୨୦୧୬ରେ ଜାପାନୀ ଜ୍ୱରରେ ଏହି ଅଞ୍ଚଳର ବହୁ ପିଲାଙ୍କ ଜୀବନ ଚାଲିଯାଇଛି। କେବଳ ଉଚିତ୍ ଚିକିତ୍ସା ଅଭାବରୁ। ଭୋଟ ମାଗିବା ପାଇଁ ନେତାମାନେ ଚାଲି ଚାଲି କିନ୍ତୁ ପାହାଡି ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚି ଲୋକଙ୍କୁ ଆଶ୍ୱାସନା ଦେଇ ଭୋଟ୍ ନିଅନ୍ତି। କିନ୍ତୁ, ପରମୁହୂର୍ତ୍ତରେ ତାକୁ ଭୁଲିଯାନ୍ତି ବୋଲି ଗ୍ରାମବାସୀ କହନ୍ତି। ଖଇରପୁଟ ବ୍ଲକରେ ମୁଦୁଲିପଡା, ଅଣ୍ଡ୍ରାହାଲ, ରାସବେଡା ଗୋବିନ୍ଦପାଲୀ, ପୋଡାଘାଟ, ବଡ଼ଦୁରାଲ ଭଳି ପଞ୍ଚାୟତର ବହୁ ଗ୍ରାମ ଆଜିବି ପାହାଡ଼ ଉପରେ ରହିଛି। ପାହାଡ଼ ଉପରେ ବସବାସ କରୁଥିବା ଲୋକଙ୍କ ଚିତ୍କାର କେବଳ ପଥରରେ ପିଟି ହୋଇ ସେଠାରେ ହିଁ ରହିଯାଉଛି। ବହୁ ପାହାଡିଆ ଗ୍ରାମରେ ଆଜି ବି ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ବହୁ ପିଲା ଅପପୃଷ୍ଟିର ଶିକାର ହେଉଛନ୍ତି। ସରକାର ଚେତିଲେ ପାହାଡ଼ିଆ ଲୋକଙ୍କ ଭାଗ୍ୟ ବଦଳିବ ବୋଲି କୁହାଯାଇଛି। ତେବେ ସରକାର କେବେ ଚେତୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଡ୍ରେନ୍ ଓ ସ୍ୱେରେଜ୍ ସମସ୍ୟା:ଆତଙ୍କିତ ଅବସ୍ଥାରେ ପଞ୍ଚସଖା ନଗରବାସୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଏବେ ପଞ୍ଚସଖାନଗର ବାସିନ୍ଦାଙ୍କୁ ଡରାଇଲାଣି। ବର୍ଷ ବର୍ଷ ଧରି ଡ୍ରେନ୍, ସ୍ୱେରେଜ୍ ସମସ୍ୟା ଯୋଗୁ ଲୋକେ ଯମଯନ୍ତ୍ରଣା ଭୋଗୁଥିଲେ। ଏବେ ରାସ୍ତା ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଆଗପଛ, ବାମଡାହାଣ, ଯୁଆଡ଼େ ଆଖି ବୁଲେଇ ଆଣିଲେ ଖାଲି ବଡ଼ବଡ଼ ଖାଲ ଓ କାଦୁଅ ପଚପଚ। ଘରୁ ଗୋଡ଼ କାଢ଼ି ହେଉନି। କାର୍, ବାଇକ୍ ବାହାର କରିବା ତ ଦୂରର କଥା, ଚାଲିଚାଲି ଯିବା ବି ମୁସ୍କିଲ୍। ସାମାନ୍ୟ ଅସତର୍କ ହେଲେ କଚାଡ଼ି ହୋଇ ପଡ଼ିବା ଥୟ। ସ୍ୱେରେଜ୍ ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳି ଦିଆଯାଇଥିବାରୁ ଜଗମୋହନନଗର ଓ ବେଲେଶ୍ୱର ମନ୍ଦିର ପାଖ ରାସ୍ତାରେ ପାଣି ଜମାହୋଇ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ଆଇଟିଇଆର୍ ଲେନ୍ ୧ର ବାମପଟରୁ ୪୦୦ ମିଟର ରାସ୍ତାର ଅବସ୍ଥା ଆହୁରି କଦର୍ଯ୍ୟ। ଏବେ



ସେଠାରେ ୨ଫୁଟ୍ ଉଚ୍ଚର ପାଣି ଜମୁଛି। ୨୦୨୨ ମସିହାରୁ ପଞ୍ଚସଖାନଗରରେ ୱାଟ୍‌କୋର ସ୍ୱେରେଜ୍ ପାଇପ୍ ବିଛାଇବା କାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ଶେଷ ହୋଇନାହିଁ। କାମ ମନ୍ଥର ଗତିରେ ଚାଲୁଥିବାରୁ ସ୍ଥାନୀୟ ଲୋକେ ୱାଟ୍‌କୋ ଯନ୍ତ୍ରୀଙ୍କୁ ଘେରଉ କରି ପ୍ରତିବାଦ କରିଥିଲେ। ୱାଟ୍‌କୋ କାମ ମୁଖ୍ୟ ରାସ୍ତାରୁ ସରିଲାଣି। ହେଲେ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନି। ଏବେ ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ସବୁଆଡ଼େ କାଦୁଅ ପଚପଚ। ଖାଲଖମାରେ ପାଣି ଭର୍ତ୍ତି ହୋଇରହିଛି। ତେଣୁ ସ୍ଥାନୀୟ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ସ୍ଥାନୀୟ ପଞ୍ଚସଖାନଗର ସଙ୍ଗଠନର ସଦସ୍ୟ ପ୍ରକାଶ ଚନ୍ଦ୍ର ରାଉତଙ୍କ କହିବା କଥା, ୱାଟ୍‌କୋର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ସହିତ ଡ୍ରେନ୍ ଜବରଦଖଲ ଯୋଗୁ ଏଠିକାର ସମସ୍ୟା ଅସମ୍ଭାଳ। ୩ ବର୍ଷ ହେଲା ୱାଟ୍‌କୋ କାମ ସରୁନଥିଲା। କାମ ସରିବା ବେଳକୁ ଏବେ ରାସ୍ତା ମରଣଯନ୍ତା। ସ୍କୁଲ୍ ଗାଡ଼ି ଘର ପାଖକୁ ଆସିପାରୁନି। ବର୍ଷା ଦିନରେ ବଡ଼ ଗାତ ଓ କାଦୁଅ ଯୋଗୁ ସର୍ବଦା ଅଘଟଣର ଚିନ୍ତା ଘାରୁଛି। କିଛି ଦିନ ପୂର୍ବରୁ ଶିବ ମନ୍ଦିରରୁ ଆଇଟିଆର୍ କଲେଜ ପାଚେରି ପର୍ଯ୍ୟନ୍ତ ବର୍ଷାପାଣି ଜମି ରହିଥିଲା। ଲଘୁଚାପଜନିତ ବଡ଼ବର୍ଷା ହେଲେ ଏଠାରେ ଘରୁବାହାରିବା କଷ୍ଟକର ହୋଇପଡୁଛି। ଏ ନେଇ ପୂର୍ତ୍ତ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଜଗମୋହନନଗର ଠାରୁ ଡୁମୁଡୁମା, ପଞ୍ଚସଖାନଗର ରାସ୍ତା କାମ ପାଇଁ ବ୍ୟୟବରାଦ ହୋଇସାରିଛି। ପ୍ରାୟ ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ କାମ ହେବ।

# ୫୦୦ ଲିଟର ପୋଚ ଓ ୪୦ ଲିଟର ମଦ ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ ହୋଇଛି। ଏହି ଚଢଉ ଅପରାହ୍ନ ୨ଟାରେ ଶେଷ ହୋଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି। ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୫ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ବିଭାଗୀୟ ନିର୍ଦ୍ଦେଶକୁ ଠିକାଦାରଙ୍କ ବେଖାତିର

# ବର୍ଷାରେ ଚାଲିଛି ରାସ୍ତାର ପିଚୁ କାମ:ସ୍ଥାୟିତ୍ୱ ନେଇ ସନ୍ଦେହ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାର ଉନ୍ନତି କାର୍ଯ୍ୟ ତ୍ୱରାନ୍ୱିତ କରାଉଥିଲେ ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲା ବିନିକାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋନପୁର - ବିନିକା ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ବିନିକା ମଧ୍ୟରେ ପୂର୍ତ୍ତବିଭାଗ ରାସ୍ତା ବର୍ଷା ହେଉଥିଲେ ମଧ୍ୟ ବେଧଡକ ଚାଲିଛି ପିଚୁ କାମ। ଏତେ ବର୍ଷାରେ ପିଚୁ କାମ ଚାଲିଥିଲେ ମଧ୍ୟ ଜିଲ୍ଲା ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବିନିକା ସହରରେ ଝିପି ଝିପି ବର୍ଷାରେ ବିନିକା ସହର ରାସ୍ତାରେ ପିଚୁ କାମ ଚାଲିଥିଲା। ଏତେ ଝିପିଝିପି ବର୍ଷା ସତ୍ତ୍ୱେ ମଧ୍ୟ ପିଚୁ କାମ ଯୋର୍‌ସୋର୍‌ରେ ଚାଲିଥିବାରୁ ଅଞ୍ଚଳର ଜନସାଧାରଣ ମଧ୍ୟରେ ଅସନ୍ତୁଷ୍ଟ ସୃଷ୍ଟି ହେଉଛି। ବର୍ଷାରେ ଦିନ ଓ ରାତିରେ ପିଚୁ କାମର ହେଉଥିବାରୁ ସ୍ଥାୟୀତ୍ୱକୁ ନେଇ ଜନସାଧାରଣଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଙ୍କି ମାରୁଛି। କାହା ନିର୍ଦ୍ଦେଶରେ ବର୍ଷା ସମୟରେ ରାତି ଓ ଦିନରେ ଏଭଳି କାମ ହେଉଛି ବୋଲି ଲୋକେ ପ୍ରଶ୍ନ




କରିଛନ୍ତି। ପୂର୍ତ୍ତବିଭାଗ ଠିକାଦାରଙ୍କୁ ରୋକ୍ ଲଗାଇଥିଲେ ମଧ୍ୟ କାହାର ବଳରେ ବଳିଆନ ହୋଇ ମନମାନି କାମ କରୁଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ହେବ ବିନିକା ଅଞ୍ଚଳରେ ବର୍ଷା ଲାଗି ରହିଥିଲେ ମଧ୍ୟ ଠିକାଦାର ରାତିରେ ରାସ୍ତା କାମ ସହ ପିଚୁ କାମ ଚାଲିଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଉଛି। ଏନେଇ ବିନିକା ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ବିଭାଗୀୟ ଏସ୍‌ଡ଼ିଓ ସହତି ବର୍ଷାରେ ପିଚୁକାମ ଉପରେ ଆଲୋଚନା ସମୟରେ ଠିକାଦାରକୁ ବର୍ଷା ସମୟରେ ପିଚୁ କାମ ନକରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ। କିନ୍ତୁ ବିଭାଗୀୟ ଏସ୍‌ଡ଼ିଓଙ୍କ କଥା ପାଣିର ଗାର ହୋଇଯାଇଥିଲା। ଠିକାଦାରଙ୍କ ମନମାନିରେ କାର୍ଯ୍ୟ ଚାଲିଥିବାରୁ ଦିନ ରାତି, ବର୍ଷା ଚାଲିଥିବା ସମୟରେ ପିଚୁକାମ ଚାଲିଥିବାରୁ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ନିମ୍ନମାନର କାମ ହେଉଥିବାରୁ କେତେକ ଯାଗାରେ ପିଚୁ ଉଠି ଯାଇଥିଲା ବେଳେ ରାସ୍ତା ପାର୍ଶ୍ୱରେ ହୋଇଥିବା ଡ୍ରେନ୍ କାମ ନ କହିବା ଭଲ। ଅନେକ ଯାଗାରେ ଡ୍ରେନ୍ କାମ ଅଧାପନ୍ତରିଆ ହୋଇପଡ଼ିଥିଲା ବେଳେ ବିଭିନ୍ନ ଯାଗାରେ ଡ୍ରେନ୍ ଭାଙ୍ଗି ଯାଇଥିବା ଜନସାଧାରଣ ଅଭିଯୋଗ ହେଉଛି। ଏନେଇ ସୋନପୁର ପୂର୍ତ୍ତବିଭାଗ ଏସ୍‌ସି ଅଜାତ ଶତ୍ରୁ ସାହୁଙ୍କୁ ପଚରାଯିବାରୁ ବିଭାଗ ପକ୍ଷରୁ ଗତ ୨୦ ତାରିଖରୁ ବର୍ଷା ସମୟରେ ପିଚୁ କାମ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପୁଣି ବର୍ଷା ଚାଲିଥିବା ସମୟରେ ବିନିକା ସହର ରାସ୍ତାରେ ପିଚୁ କାମ ହେଉଥିବା ଖବରପାଇ ଉକ୍ତ ଠିକାସଂସ୍ଥାର ଏମ୍‌ଡିଙ୍କ ସହିତ ଆଲୋଚନା କରାଯାଇଛି। ପୂର୍ତ୍ତ ବିଭାଗର ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ପିଚୁ କାମ କରାହେବନାହିଁ ବୋଲି ପ୍ରକାଶ କରିଥିଲେ।

# ପୋଖରୀ ପୁନରୁଦ୍ଧାର ଅଧାପନ୍ତରିଆ:ଆବର୍ଜନା ଓ ଦଳରେ ଭର୍ତ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଧକୋଟି ଟଙ୍କା ଖର୍ଚ୍ଚ କରି 'ଜୋକ ପୋଖରୀ'ର ପୁନରୁଦ୍ଧାର କରାଗଲା। ଗାଧୁଆ ତୁଠ, ପୋଷାକ ବଦଳା ଗୃହ ଠାରୁ ଆରମ୍ଭ କରି ପୋଖରୀର ଚତୁଃପାର୍ଶ୍ୱ ପ୍ରାଚୀର ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାମ କରାଗଲା। କିନ୍ତୁ ଏହାପରେ ପୋଖରୀ ଆଡ଼କୁ ଅନାଇଲେନି। ପରିଣାମ ସ୍ୱରୂପ ଆଜି 'ଜୋକ ପୋଖରୀ' ବିକାଶ ଅଧାରେ ଅଟକିଛି। ପୋଖରୀ ପ୍ରାଚୀରର ଲୁହା ଛଡ଼ ସବୁ ପ୍ରାଣଘାତକ ଭଳି ବାହାରିଛି। ନିୟମିତ ପୋଖରୀରେ ଆବର୍ଜନା ଫିଙ୍ଗାଯାଉଥିବାରୁ ପାଣି କଳା ପଡ଼ି ଗନ୍ଧେଇଲାଣି, ପୋକ ହେଲେଣି। ରକ୍ଷଣାବେକ୍ଷଣ ଅଭାବରୁ ଆବର୍ଜନା ସହ ଦଳରେ ବି ପୋଖରୀ ଭର୍ତ୍ତି ହୋଇଗଲାଣି। ଭୁବନେଶ୍ୱର ମହାନଗର ନିଗମର ୪୩ ନମ୍ବର ୱାର୍ଡ ଲକ୍ଷ୍ମୀସାଗରରେ ରହିଛି 'ଜୋକ ପୋଖରୀ'। ଧାର୍ମିକ କାର୍ଯ୍ୟ, ଶୁଦ୍ଧିକ୍ରିୟା ଆଦି ପାଇଁ ଅଞ୍ଚଳବାସୀ ଏହା ଉପରେ ନିର୍ଭର କରନ୍ତି। ରାଜ୍ୟ ସରକାର ବିଏମ୍‌ସି ଜରିଆରେ 'ଜୋକ ପୋଖରୀ' ଓ ଏହା କୂଳରେ ଦଶାହକର୍ମ ଗୃହର ଉନ୍ନତୀକରଣ ପାଇଁ ୪୭ଲକ୍ଷ ୬୯ହଜାର ୮୮୬ ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ୨୦୨୩ ମେ ୨୨ ତାରିଖରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର୍ ଭରତ



କୁମାର ଲେଙ୍କା ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଭିତ୍ତିପ୍ରସ୍ତର ପଡ଼ିଥିଲା। ଅନୁଦାନରେ ପୋଷାକ ବଦଳା ଗୃହ, ପୋଖରୀ ପାହାଚ, ଚାରିପାର୍ଶ୍ୱ ପାଦଚଲା ରାସ୍ତା, ପ୍ରାଚୀର ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଏ ଭିତରେ ଦଶାହ କାର୍ଯ୍ୟ ଗୃହ, ପୋଷାକ ବଦଳା ଗୃହ, ପୋଖରୀ ପାହାଚ ତିଆରି ହୋଇଛି। କିନ୍ତୁ ଚାରିପାର୍ଶ୍ୱ ପାଦଚଲା ରାସ୍ତା, ପ୍ରାଚୀର ଆଦି ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି। ପୋଖରୀର ଦେଖାଶୁଣା ବୁଝୁଥିବା ଲକ୍ଷ୍ମୀସାଗର ଯୁବ ପରିଷଦ ସଭାପତି ଆଦିତ୍ୟ ରାଉତରାୟ କହିଛନ୍ତି, ପୋଖରୀର ଅସମ୍ପୂର୍ଣ୍ଣ କାମ ଓ ଅପରିଚ୍ଛନ୍ନତା ସଂପର୍କରେ କର୍ପୋରେଟରଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ପରିଷଦ ସଂପାଦକ ରାକେଶ କୁମାର ସ୍ୱାଇଁ କହିଛନ୍ତି, ଆମେ ଯେତେ ବାରଣ କଲେ ବି ଲୋକେ ଶୁଣୁନାହାନ୍ତି। ପୋଖରୀକୁ ଜରି, ଘରର ଆବର୍ଜନା ଫିଙ୍ଗୁଛନ୍ତି। ଫୁଲ, ନଡ଼ିଆ ଆଦି ଫିଙ୍ଗୁଛନ୍ତି। ଯାହା ପୋଖରୀର ଜଳକୁ ପ୍ରଦୂଷିତ କରୁଛି। ୪୩ ନମ୍ବର ୱାର୍ଡ କର୍ପୋରେଟର୍ ଭରତ କୁମାର ଲେଙ୍କା କହିଛନ୍ତି, ଯେଉଁ ଠିକାଦାର କାମ ନେଇଥିଲେ, ପୂର୍ବ ସରକାର ସମୟରେ ତାଙ୍କୁ କାମର ରନିଂ ବିଲ୍ ମିଳି ଯାଉଥିଲା। ସରକାର ବଦଳିବା ପରେ ଆଉ ରନିଂ ବିଲ୍ ମିଳୁନି। ଯେଉଁଥିପାଇଁ 'ଜୋକ ପୋଖରୀ' କାମ ସଂପୂର୍ଣ୍ଣ ହୋଇପାରିନି। ସେପଟେ ପୂର୍ବ ସରକାର ଅମଳରେ ପୋଖରୀର ସୌନ୍ଦର୍ଯ୍ୟୀକରଣ ଯଥା ଲାଇଟିଂ, ବୃକ୍ଷରୋପଣ, ବସିବା ଜାଗା ଆଦି ପାଇଁ 'ଆମ ପୋଖରୀ' ଯୋଜନାରେ ୧୫ ଲକ୍ଷ ଓ ମୁକ୍ତା ଯୋଜନାରେ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ସରକାର ବଦଳିବା ପରେ ଏସବୁ ବନ୍ଦ ହୋଇଗଲା। ଏବେ 'ଜୋକ ପୋଖରୀ' ସୌନ୍ଦର୍ଯ୍ୟୀକରଣ ପାଇଁ ୱାର୍ଡ ବଜେଟ୍‌ରେ ପ୍ରାୟ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଟେଣ୍ଡର ସରିଛି। ଏ ଭିତରେ କାର୍ଯ୍ୟାଦେଶ ସହ କାମ ଆରମ୍ଭ ହୋଇଯିବ ବୋଲି ଶ୍ରୀ ଲେଙ୍କା କହିଛନ୍ତି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୭ ଜୁଲାଇ ୨୦୨୫ସୋମବାର





# ୧୦୮ ଆମ୍ବୁଲାନ୍ସ ଅବ୍ୟବସ୍ଥା ଯୋଗୁଁ ଯୁବକଙ୍କ ମୃତ୍ୟୁ ଘଟଣା
# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଅପରାଧିକ ଅବହେଳା : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣା ନାମକ ଏକ ଯୁବକର ମୃତ୍ୟୁ ଘଟଣାରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସରକାରଙ୍କ ଚରମ ଅପରାଧିକ ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ଦିନ କ୍ରିକେଟ ଖେଳିବା ସମୟରେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର କରିଥିଲେ ସୁଦ୍ଧା ଆମ୍ବୁଲାନ୍ସ ନ ପହଞ୍ଚିବାରୁ ତାଙ୍କୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲୁଗାଁ ମେଡ଼ିକାଲ କର୍ତ୍ତୃପକ୍ଷ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ପଠାଇଥିଲେ। ବ୍ରହ୍ମପୁର ମେଡ଼ିକାଲକୁ ଯିବାବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସ ଖରାପ ହେବା ଯୋଗୁଁ ଶଙ୍କରଙ୍କ ପରିବାର ଲୋକେ ଅନ୍ୟ ଏକ ଆମ୍ବୁଲାନ୍ସ ଓ ପୋଲିସ୍‌କୁ ସହାୟତା ନିମନ୍ତେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସାହାଯ୍ୟ ମିଳିନଥିଲା। ଖଲ୍ଲିକୋଟ ଜାତୀୟ ରାଜପଥରେ ସହାୟତା ଅପେକ୍ଷାରେ ଶଙ୍କର ଯନ୍ତ୍ରଣାରେ ଛଟପଟ ହେବା ଅବସ୍ଥାରେ ୩ ଘଣ୍ଟା ବିଳମ୍ବରେ ଅନ୍ୟ ଏକ ଆମ୍ବୁଲାନ୍ସକୁ ଦେଖି ସେଥିରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ନେଇଥିଲେ। ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲରେ ପହଞ୍ଚା ଯାଇଥାନ୍ତା, ତା'ହେଲେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ।

ରାଜ୍ୟ ସରକାରଙ୍କ ଅପରାଧିକ ଅବହେଳା ଯୋଗୁଁ ଆଜି ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲକୁ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳତଃ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମକେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସରକାରୀ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାର ଲୋକେ ମୃତଦେହକୁ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚି ନଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଯିବାର ଖବର ମିଳିବା ପରେ, ଶନିବାର ରାତି ୧୧ଟା ସମୟରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କର ମହାରଣାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଯୋଗାଇ ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ସର୍ବଶ୍ରୀ ଡ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣୀ ବୈଦ୍ୟ, ରଞ୍ଜିତା ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ସୁବାସ ମହାରଣା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ପୂର୍ବତନ ଏନଏସି ଅଧ୍ୟକ୍ଷ ରାମମୋହନ ପଣ୍ଡା, ଭବାନୀକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ରତ୍ନାକର ସାହୁ, ଦୟାନିଧି ସାହୁ, ସ୍ଥାନୀୟ ସରପଞ୍ଚ ସ୍ୱିଙ୍କିଲ୍ ତରାଇ ପ୍ରମୁଖ ସାମିଲ୍ ଥିଲେ।

# ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ସମାରୋହରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱର୍ଗତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ରାଜ୍ୟସ୍ତରୀୟ ଏହି ଜୟନ୍ତୀ ସମାରୋହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍। ଆଜିର ଦିନକୁ ସେ ଏକ ସଂକଳ୍ପ, ଏକ ପ୍ରେରଣା ଏବଂ ଏକ ଜାଗୃତିର ଦିବସ ବୋଲି କହିଛନ୍ତି। ଜୟଦେବ ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦେଇଥାଏ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ କେତେଜଣ ମହାମନୀଷୀ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବାଦର ଉତ୍‌ଥାନ କରି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ଅଗ୍ରଗଣ୍ୟ। ସେ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ବରଂ ଏକ ସମର୍ପିତ ରାଷ୍ଟ୍ର ନେତା, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଓ ଦେଶପ୍ରେମୀ ଥିଲେ। ଡଃ ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଜନସଂଘ ବିଜେପିରେ ପରିଣତ ହେଲା ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ, ବିଜେପିର ପ୍ରତିଷ୍ଠାତା ରୂପେ ନାମିତ ହେଲେ। ତାଙ୍କ ବିଚାରଧାରା ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ ହିଁ ହୋଇଥିଲା ଆଜିର ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର। ତାଙ୍କର ଦୃଢ଼ମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ। "ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା" ସ୍ଲୋଗାନ୍ ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଞ୍ଜରିତ ହେଉଛି ବୋଲି ସେ କହିଥିଲେ। ସେ ଆହୁରି କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ, ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ମୋଦୀଜୀଙ୍କ ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ପୂରଣ କରିଛନ୍ତି। ଡଃ ମୁଖାର୍ଜୀଙ୍କ ପରି ଜଣେ ମହାନ ଜନନାୟକଙ୍କ ପାଇଁ ଏ ଦେଶ ସର୍ବଦା ଗର୍ବିତ। ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ସ୍ମୃତି ଦିବସକୁ କେବେ ପାଳନ କରୁନଥିଲେ। ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ।



ସେ ଆହୁରି କହିଛନ୍ତି, ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ଆଜି ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି। ଏଣୁ ନୈତିକତା ବିନା ରାଜନୀତି, ଆଦର୍ଶ ବିନା ଶାସନ, ଓ ଦେଶପ୍ରେମ ବିନା ସ୍ୱାଧୀନତା କେବଳ ଏକ ଭ୍ରମ। ତ୍ୟାଗ ଓ ସେବା ଦ୍ୱାରା ଆମେ ଆମ ଭବିଷ୍ୟ ଗଢ଼ିବା। ଆଜି ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢ଼ୁଛୁ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢ଼ୁଛୁ, ଡଃ ମୁଖାର୍ଜୀଙ୍କ ନିତି ଓ ଦୃଷ୍ଟିକୋଣ ଆମକୁ ସଠିକ ମାର୍ଗ ଦେଉଛି। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଅନିର୍ବାଣ ଗାଙ୍ଗୁଲି ଡଃ ମୁଖାର୍ଜୀଙ୍କୁ ପରାଧୀନ ଭାରତରେ ମଧ୍ୟ ଭାରତୀୟ ଭାଷାରେ ଶିକ୍ଷାର ଆଦି ପ୍ରବର୍ତ୍ତକ ବୋଲି କହିଥିଲେ। ସେହପରି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ସମ୍ମାନନୀୟ ଅତିଥିଗଣ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଗ୍ୟାଲେରୀକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡଃ ମୁଖାର୍ଜୀଙ୍କ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ଥିଲା। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତି ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ଭୁବନେଶ୍ୱରର ସତସଙ୍ଗ ବିହାର ଠାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ସ୍ୱର୍ଗତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହଣ ମହଣ ସୁନାରେ...

ନକରିବାକୁ ପରାମର୍ଶ ଦିଆଯାଇଥିଲା। ଶ୍ରୀଜୀଉଙ୍କର ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅର୍ଥାତ ବଡତଡାଉ ବେଶ ଅନ୍ୟତମ। ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ଝଲସୁଥିଲେ ଶ୍ରୀଜୀଉ। ଏହି ମନମୁଗ୍ଧକର ବେଶ ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବାରୁ ଏହି ବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ରାଜ୍ୟ ବିଜେପି ସଭାପତି ...

ହେବ ବଡ଼ ଚ୍ୟାଲେଞ୍ଜ। ଏବେବି ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ବିଜେଡି ସକ୍ରିୟ ଥିବାରୁ ଏହାକୁ ବିଚାରକୁ ନେଇ ଦଳ ସଭାପତି ଚୟନ କରିପାରେ। ଏହି ନିର୍ବାଚନ ରେସ୍ ତାଲିକାରେ ପ୍ରଥମରେ ଅଛନ୍ତି ବରିଷ୍ଠ ନେତା ମନମୋହନ ସାମଲ। ଗତ ନିର୍ବାଚନରେ ତାଙ୍କ ମ୍ୟାନେଜମେଣ୍ଟ ପାଇଁ ଦଳ ରାଜ୍ୟରେ ସରକାର ଗଠନ କରିପାରିଛି। ଏକାସଙ୍ଗେ ୨୦ ଜଣ ସାଂସଦ ଜିତିଥିବାରୁ ଦଳ ତାଙ୍କୁ ରିପିଟ୍ କରି ପୁଣିଥରେ ପୁରସ୍କାର ଦେଇପାରେ। ମନମୋହନଙ୍କ ବ୍ୟତୀତ ରାଜ୍ୟ ସଭାପତି ଦୌଡରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବର୍ତ୍ତମାନ ରାଜ୍ୟ ଉପ-ସଭାପତି ଗୋଲକ ମହାପାତ୍ରଙ୍କ ନାଁ ନେଇ ବି ଚର୍ଚ୍ଚା ହେଉଛି। ବିଜେପି ରାଜ୍ୟ ସଭାପତି ଚୟନକୁ ନେଇ ଦୀର୍ଘଦିନ ଧରି ଦଳରେ ସଂଶୟ ଲାଗି ରହିଥିଲା। ଏବେ ଦେଖିବା ନିର୍ବାଚନ ନେଇ ତାରିଖ ଘୋଷଣାପରେ ଦଳ କାହା ମୁଣ୍ଡରେ ସଭାପତି ମୁକୁଟ ପିନ୍ଧାଉଛି।

## ଆତଙ୍କବାଦ ଓ ଜଳବାୟୁ...

ଗସ୍ତ। ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିଥିଲେ ବ୍ରାଜିଲର ରାଷ୍ଟ୍ରପତି ଲୁଲା । ଏହା ସହିତ ରିଓ ଡି ଜେନେରିଓରେ ପାରମ୍ପରିକ ନୃତ୍ୟରେ 'ଅପରେସନ୍ ସିନ୍ଦୂର' ଥିମ୍‌ରେ ସ୍ୱାଗତ କରିଥିଲେ ପ୍ରବାସୀ ଭାରତୀୟ । ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ । ବ୍ରାଜିଲରେ ପହଞ୍ଚି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କ ନିମନ୍ତ୍ରଣରେ ସେ ବ୍ରାଜିଲ ଗସ୍ତରେ ଆସିଛନ୍ତି। ପ୍ରଧାନମନ୍ତ୍ରୀ ରବିବାର ରିଓ ଡି ଜେନେରିଓରେ ଗାଲିଓରେ ୧୭ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇ ଥିବା ବେଳେ ଏହା ତାଙ୍କର ଚତୁର୍ଥ ବ୍ରାଜିଲ ଗସ୍ତ । ବ୍ରିକ୍ସ ସମ୍ମିଳନୀ ସମୟରେ ଅନେକ ଦ୍ୱିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ବ୍ରାଜିଲ୍ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ରକ୍ଷା ନେଇ ଭାରତ ଓ ବ୍ରାଜିଲ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ବ୍ରାଜିଲ ଗସ୍ତ ଶେଷ କରି ବ୍ରାସିଲିଆ ଯିବେ ପ୍ରଧାନମନ୍ତ୍ରୀ । ସେଠାରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଲୋକ ସମ୍ପର୍କ ସମେତ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ୫ ରାଷ୍ଟ୍ର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ପ୍ରଥମେ ଘାନା, ତ୍ରିନିଦାଦ ଓ ଟବାଗୋ ଗସ୍ତ ଶେଷ କରି ଆର୍ଜେଣ୍ଟିନାରେ ପହଞ୍ଚିଥିଲେ । ଆର୍ଜେଣ୍ଟିନା ରାଜଧାନୀ ବ୍ୟୁନସ୍ ଏୟାର୍ସରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ ପତାକା ହାତରେ ଧରି ପ୍ରବାସୀ ଭାରତୀୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ସେ ମଧ୍ୟ ପ୍ରବାସୀ ଭାରତୀୟଙ୍କ ସହ ମିଶିଥିଲେ ଓ ଆଲୋଚନା କରିଥିଲେ । ପରେ ସେ ବ୍ୟୁନସ୍ ଏୟାର୍ସରେ ଥିବା ସାନ ମାର୍ଟିନ ସ୍ମାରକୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଘର ଠାରୁ ହଜାର ହଜାର କି.ମି. ଦୂରରେ ରହିଥିଲେ ମଧ୍ୟ ପ୍ରବାସୀ ଭାରତୀୟମାନେ ଭାରତୀୟ ସଂସ୍କୃତିକୁ ଛାଡିପାରିନାହାନ୍ତି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ । ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା, ବିରଳ ଖଣିଜ, ଶକ୍ତି, ବାଣିଜ୍ୟ, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପୁଞ୍ଜି ନିବେଶ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଆର୍ଜେଣ୍ଟିନାରେ ବିପୁଳ ପରିମାଣର ଗ୍ୟାସ ଓ ତୈଳ ଭଣ୍ଡାର ରହିଛି । ଏହା ଭାରତର ଦୀର୍ଘକାଳୀନ ଶକ୍ତି ସହଯୋଗୀ ହୋଇପାରିବ ।

## ହୀରାକୁଦର ୨୦ ଗେଟ୍ ...

ଖାଲୁଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ଏନେଇ ମହାନଦୀର ତଳିଆ ଅଞ୍ଚଳରେ ଥିବା ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ସୂଚନା ମୁତାବକ, ରବିବାର ସକାଳେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ନଦୀବନ୍ଧର ବାମପାର୍ଶ୍ୱର ଅର୍ଥାତ୍ ହୀରାକୁଦ ପଟର ୭ ନମ୍ବର ସ୍ଲିଲ୍‌ୱେକୁ ଖୋଲାଯାଇଛି । ପରବର୍ତ୍ତୀ ସମୟରେ ୧୨ଟି ଗେଟ୍ ଖୋଲାଯାଇଛି। ବାମ ପାର୍ଶ୍ୱରୁ ୮ଟି, ଡାହଣ ପାର୍ଶ୍ୱରୁ ୪ଟି ଗେଟ୍ ଖୋଲାଯାଇଛି। ହୀରାକୁଦ୍‌ର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ଜଳଭଣ୍ଡାରକୁ ଅଧିକ କ୍ୟୁସେକ୍ ଜଳ ପ୍ରବେଶ କରିବା ପରିପ୍ରେକ୍ଷୀରେ ଅପରାହ୍ନରେ ଆଉ ୮ଟି ଗେଟ୍ ଖୋଲାଯାଇଛି। ସକାଳ ୯ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୦୮.୩୧ ଫୁଟ୍ ଛୁଇଁଥିବା ଜଣାପଡିଛି । ଉପରମୁଣ୍ଡରେ ଲଗାଣ ବର୍ଷା ହେତୁ ଜଳଭଣ୍ଡାରରେ ଦ୍ରୁତଗତିରେ ବନ୍ୟାଜଳ ଭର୍ତ୍ତି ହେଉଛି । ପ୍ରତି ସେକେଣ୍ଡରେ ୨ ଲକ୍ଷରୁ ଅଧିକ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଉପରମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ହୀରକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ୍‌ର ଆଉ ୮ଟି ଫାଟକ ଖୋଲାଯାଇଛି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ। ବାମ ପାର୍ଶ୍ୱର ୧୩ଟି ଓ ଡାହାଣ ପାର୍ଶ୍ୱର ୭ଟି ଗେଟ୍ ଖୋଲାଯାଇଛି।

## ନୂଆ ଦଳ କଲେ ଘୋଷଣା...

ବୋଲି ଦଳ ଘୋଷଣା କରି କହିଛନ୍ତି ଏଲନ ମସ୍କ । ମସ୍କ ତାଙ୍କ ପୋଷ୍ଟରେ କହିଛନ୍ତି ଯେ, ୨:୧ ଅନ୍ତରରେ ତୁମେ ନୂଆ ରାଜନୈତିକ ଦଳ ଚାହିଁଲ ଏବଂ ତୁମକୁ ତାହା ମିଳିଲା । ଆଜି 'ଆମେରିକା ପାର୍ଟି' ଗଠନ ହୋଇଛି କାରଣ ତୁମ ସ୍ୱାଧୀନତା ଫେରାଇ ଆଣିବା ମୋର ଲକ୍ଷ୍ୟ । ମସ୍କ-ଟ୍ରମ୍ପ ବିବାଦ- ଏହି ଚକିତ କରିବା ପରି ଘୋଷଣା ଏଲନ୍ ମସ୍କ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ହୋଇଛି । ଯାହାକୁ ମସ୍କ ଜଣେ ପ୍ରମୁଖ ସହଯୋଗୀ ବୋଲି ମାନିଥିଲେ ଆଜି ତାଙ୍କ ବିରୋଧରେ ଛିଡା ହୋଇଛନ୍ତି । 'ୱାନ୍ ବିଗ୍ ବିୟୁଟିଫୁଲ୍' ବିଲ୍ ଉପରେ ମସ୍କ ଅସନ୍ତୁଷ୍ଟ ଅଛନ୍ତି । ଟ୍ରମ୍ପ ଏକ ପ୍ରମୁଖ ଟିକସ ହ୍ରାସ ଏବଂ ଖର୍ଚ୍ଚ କମାଇବା ଉପରେ ବିଗ୍ ବିୟୁଟିଫୁଲ ବିଲ୍‌କୁ ଆଇନ୍‌ରେ ପରିଣତ କରିଛନ୍ତି । ଏହାର ଗୋଟିଏ ଦିନ ପରେ ନୂଆ ଦଳ ଗଠନ କରିଛନ୍ତି ମସ୍କ । 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍'ରେ ସ୍ୱାକ୍ଷର କରିବା ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା । ମସ୍କ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ। ପ୍ରତି ଦୁଇ ବର୍ଷରେ ସମସ୍ତ ୪୩୫ ଆମେରିକା ହାଉସ୍ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୁଏ । ଯେତେବେଳେ ସିନେଟର ୧୦୦ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ, ଯେଉଁମାନେ ୬ ବର୍ଷ ପାଇଁ କାର୍ଯ୍ୟକାଳ ପୂରଣ କରନ୍ତି, ପ୍ରତି ଦୁଇ ବର୍ଷରେ ନିର୍ବାଚିତ ହୋଇଥାନ୍ତି । ୧୯୯୨ ମସିହାରେ ବ୍ୟବସାୟୀ ରସ୍ ପେରୋଟ୍‌ଙ୍କ ସ୍ୱାଧୀନ ରାଷ୍ଟ୍ରପତି ଅଭିଯାନ ସମୟରେ ଘଟିଥିଲା । ଜର୍ଜ ଏଚ୍.ଡବ୍ଲୁ. ବୁଶ୍ ନିର୍ବାଚନ ହାରିଗଲେ ଏବଂ ଡେମୋକ୍ରାଟ୍ ବିଲ୍ କ୍ଲିଣ୍ଟନ୍ ବିଜୟୀ ହୋଇଥିଲେ।

## ସୃଷ୍ଟି ହେଲା ଆଉ ଏକ...

ସବୁ ଜିଲ୍ଲା ମଧ୍ୟରେ ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ରହିଛି। ସେହିପରି ପ୍ରବଳ ବର୍ଷା ନେଇ ୧୨ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଅନ୍ୟପଟେ ଚଳିତବର୍ଷ ପ୍ରଥମ ଥର ପାଇଁ ଖୋଲାଯାଇଛି ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ । ପ୍ରଥମେ ୭ ନମ୍ବର ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ପରେ ପର୍ଯ୍ୟାୟକ୍ରମେ ଅନ୍ୟ ଗେଟ୍ ସବୁ ଖୋଲାଯାଇଥିବା ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉପରମୁଣ୍ଡରେ ଲଗାଣ ବର୍ଷା ଲାଗି ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବଢ଼ିବାରେ ଲାଗିଥିଲା ।

## ସୁପ୍ରିମକୋର୍ଟରେ ଓବିସିଙ୍କୁ...

ସର୍ତ୍ତାବଳୀ ନିୟମ ସଂଶୋଧନ କରାଯାଇଛି। ସଂଶୋଧିତ ନିୟମ (୪ଏ) ଅନୁଯାୟୀ,'ପ୍ରତ୍ୟକ୍ଷ ନିଯୁକ୍ତିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ବା ଓବିସି, ଦିବ୍ୟାଙ୍ଗ, ପୂର୍ବତନ ସୈନିକ ଏବଂ ସ୍ୱାଧୀନତା ସଂଗ୍ରାମୀ ଆଶ୍ରିତଙ୍କ ପାଇଁ ସଂରକ୍ଷଣ କେନ୍ଦ୍ର ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି ହୋଇଥିବା ବିଜ୍ଞପ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ପ୍ରଯୁଜ୍ୟ ହେବ।' ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ କର୍ମଚାରୀ ନିଯୁକ୍ତିରେ କେବଳ ଏସ୍‌ସି/ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ଥିଲା। କିନ୍ତୁ ଓବିସି ପାଇଁ କୌଣସି ସ୍ପଷ୍ଟ ବ୍ୟବସ୍ଥା ନଥିଲା। ଏହା ପ୍ରଥମ ଥର ଓବିସି ବର୍ଗର ଚାକିରି ଆଶାୟୀମାନଙ୍କୁ କୋର୍ଟ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ମିଳିବ । ନୂତନ ସଂରକ୍ଷଣ ବ୍ୟବସ୍ଥା ପଦବୀ ଭିତ୍ତିକ ହେବ, ଖାଲି ପଦବୀ ଆଧାରିତ ନୁହେଁ। ଏହି ବ୍ୟବସ୍ଥା ୧୯୯୫ ମସିହାରେ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ଆର.କେ. ସବରୱାଲ ବନାମ ପଞ୍ଜାବ ରାଜ୍ୟ ନିଷ୍ପତ୍ତି ଉପରେ ଆଧାରିତ। ନିଷ୍ପତ୍ତିରେ କୁହାଯାଇଛି ଯେ, ବାର୍ଷିକ ଖାଲି ପଦବୀ ଆଧାରରେ ନୁହେଁ ବରଂ ପଦବୀ ଅନୁସାରେ ସଂରକ୍ଷଣ ନିଷ୍ପତ୍ତି ନିଆଯିବା ଉଚିତ। ସିଧାସଳଖ ନିଯୁକ୍ତି ଏବଂ ପଦୋନ୍ନତି ପାଇଁ ପୃଥକ ପୃଥକ ରୋଷ୍ଟର ରହିବା ଉଚିତ। ସଂରକ୍ଷିତ ବର୍ଗକୁ ଏକ ପଦବୀ ଆବଣ୍ଟିତ ହେବା ପରେ, ବ୍ୟକ୍ତି ଅବସର ଗ୍ରହଣ କଲେ ମଧ୍ୟ ତାହା ସ୍ଥାୟୀ ଭାବରେ ସମାନ ବର୍ଗରେ ରହିବ।

## ଇଂଲଣ୍ଡକୁ ହରାଇ ବିଦେଶ ମାଟିରେ...

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି ଶୁଭମନ ଗିଲ୍‌ଙ୍କ ଦଳ। ଭାରତ ଦ୍ୱାରା ଧାର୍ଯ୍ୟ ୬୦୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୨୭୧ ରନରେ ଅଲଆଉଟ୍ ହୋଇଛି। ଏଥିସହ ବିଦେଶ ମାଟିରେ ଭାରତ ନିଜର ସବୁଠୁ ବଡ଼ ବିଜୟ ହାସଲ କରିଛି। ଏହା ପୂର୍ବରୁ ଭାରତ ବିଦେଶ ମାଟିରେ ୨୦୧୯ରେ ଆଣ୍ଟିଗୁଆରେ ୱେଷ୍ଟଇଣ୍ଡିଜ୍‌କୁ ୩୧୮ ରନରେ ପରାସ୍ତ କରିଛି। ଏଜବାଷ୍ଟନରେ ଭାରତ ପୂର୍ବରୁ ୮ଟି ମ୍ୟାଚ୍‌ରୁ ୭ଟି ହାରିଥିବା ବେଳେ ଗୋଟିଏ ଡ୍ର' ରହିଥିଲା। ଆକାଶ ଦୀପ ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୬ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମହମ୍ମଦ ସିରାଜ ଉଭୟ ଇନିଂସରେ ୭ ୱିକେଟ୍ ନେଇଛନ୍ତି।

୬୦୮ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଇଂଲଣ୍ଡ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ୩ ୱିକେଟ୍ ହରାଇ ୭୨ ରନ କରିଥିଲା। କ୍ରିଜ୍‌ରେ ଥିଲେ ଓଲି ପୋପ୍ ଓ ହ୍ୟାରି ବ୍ରୁକ। ତେବେ ଦଳୀୟ ସ୍କୋର ୮୦ ରନ ସ୍କୋରରେ ଓଲି ପୋପ(୨୪)ଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ ଆକାଶ ଦୀପ। ପ୍ରଥମ ଇନିଂସର ଶତକବୀର ହ୍ୟାରି ବ୍ରୁକ(୨୩ ରନ)ଙ୍କୁ ଏଲବିଡବ୍ଲ୍ୟୁ କରି ଭାରତକୁ ବହୁତ ବଡ଼ ସଫଳତା ଦେଇଥିଲେ ଆକାଶ ଦୀପ। ୮୩ ରନରେ ୫ ୱିକେଟ୍ ହରାଇବା ପରେ ଇଂଲଣ୍ଡର ସ୍ଥିତି ଶୋଚନୀୟ ରହିଥିଲା। ଏହା ପରେ ଅଧିନାୟକ ବେନ ଷ୍ଟୋକ୍ସ ଓ ଜେମି ସ୍ମିଥ୍ ଇନିଂସକୁ କିଛି ସମୟ ସମ୍ଭାଳିଥିଲେ। ଦୁଇ ବ୍ୟାଟର ଷଷ୍ଠ ୱିକେଟ୍ ପାଇଁ ୭୦ ରନ ଯୋଡ଼ି ଦଳର ସ୍କୋରକୁ ୧୫୩ ରନରେ ପହଞ୍ଚାଇଥିଲେ। ବେନ ଷ୍ଟୋକ୍ସଙ୍କୁ ପାଭିଲିୟନ ପଠାଇଥିଲେ ୱାଶିଂଟନ ସୁନ୍ଦର। ଷ୍ଟୋକ୍ସ ୩୩ ରନ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ଜେମି ସ୍ମିଥ ଅର୍ଦ୍ଧଶତକ ହାସଲ କରି ଭାରତୀୟ ବିଜୟକୁ ବିଳମ୍ବ କରିଥିଲେ। କ୍ରିସ ୱୋକ୍ସ(୭)ଙ୍କୁ ପାଭିଲିୟନ ପଠାଇଥିଲେ ପ୍ରସିଦ୍ଧ କୃଷ୍ଣ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ବିସ୍ଫୋରକ ବ୍ୟାଟିଂ କରୁଥିବା ଜେମି ସ୍ମିଥଙ୍କୁ ଆକାଶ ଦୀପ ଆଉଟ୍ କରି ଟେଷ୍ଟ କ୍ରିକେଟ୍ ପ୍ରଥମ ୫ ୱିକେଟ୍ ହାସଲ କରିଛନ୍ତି। ବ୍ରାଇଡନ କାର୍ସଙ୍କୁ ଆଉଟ୍ କରି ଆକାଶ ଦୀପ ଇଂଲଣ୍ଡ ଇନିଂସକୁ ୨୭୧ ରନରେ ଅନ୍ତ ଘଟାଇଥିଲେ। ଆଉ ଭାରତ ମ୍ୟାଚ୍‌କୁ ୩୩୬ ରନରେ ହରାଇଛି।

ସୂଚନାଯୋଗ୍ୟ, ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୫୮୭ ରନର ବିଶାଳ ସ୍କୋର କରିଥିଲା। ଅଧିନାୟକ ଶୁଭମନ ଗିଲ୍ ୨୬୯ ରନର ଐତିହାସିକ ପାଳି ଖେଳିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୮୯ ରନ ଓ ଯଶସ୍ୱୀ ଜୟସ୍ୱାଲ ୮୭ ରନ କରିଥିଲେ। ଜବାବରେ ଇଂଲଣ୍ଡ ୪୦୭ ରନରେ ଅଲଆଉଟ୍ ହୋଇଥିଲା। ଜେମି ସ୍ମିଥ ଅପରାଜିତ ୧୮୪ ରନ କରିଥିବା ବେଳେ ହ୍ୟାରି ବ୍ରୁକ ୧୫୮ ରନ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ ଏବଂ ଆକାଶ ଦୀପ ୪ ୱିକେଟ୍ ନେଇଥିଲେ। ଭାରତ ପ୍ରଥମ ଇନିଂସରେ ୧୮୦ ରନର ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଭାରତ ଦ୍ୱିତୀୟ ଇନିଂସରେ ୪୨୭/୫ରେ ପାଳି ସମାପ୍ତି ଘୋଷଣା କରିଥିଲା। ଅଧିନାୟକ ଶୁଭମନ ଗିଲ୍ ୧୬୧ ରନର ଶତକୀୟ ଇନିଂସ ଖେଳିଥିଲେ। ତାଙ୍କ ବାଦ୍ ରବୀନ୍ଦ୍ର ଜାଡ଼େଜା ଅପରାଜିତ ୬୯ ରନ, ଋଷଭ ପନ୍ତ ୬୫ ରନ ଓ କେଏଲ ରାହୁଲ ୫୫ ରନ କରିଥିଲେ।

# କ୍ରମାଗତ ୧୧ତମ ବର୍ଷ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପୁରୀ ରଥଯାତ୍ରାରେ ଭକ୍ତମାନଙ୍କୁ ସେବା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ଲଗାତାର ୧୧ତମ ବର୍ଷ ପାଇଁ ପୁରୀରେ ରଥଯାତ୍ରାର ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛି। ଏହି ବର୍ଷ, ନବ-ଯୌବନ ଦର୍ଶନ ଦିନଠାରୁ ଆଜି ପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ଦେୟମୁକ୍ତ ସତେଜ ରନ୍ଧା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇ ସାରିଛି। ପବିତ୍ର ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରଖି ଏହି ସେବା ଜାରି ରହିଛି।

ସର୍ବାଧିକ ସଂଖ୍ୟାକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳ ଷ୍ଟେସନ ନିକଟରେ ଏବଂ ଗୁଣ୍ଡିଚା ମନ୍ଦିର ନିକଟ ବସ୍ ଷ୍ଟାଣ୍ଡରେ ଦୁଇଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ୍ ସ୍ଥାପନ କରାଯାଇଛି। ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେସନ୍ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ରାନ୍ଧିବା, ପରିବହନ ଏବଂ ବଣ୍ଟନକୁ ଅତ୍ୟନ୍ତ ଯତ୍ନ ଏବଂ ନିଷ୍ଠାର ସହିତ ପରିଚାଳନା କରିବା ପାଇଁ ୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ସଦସ୍ୟ ଦିନରାତି କାମ କରୁଛନ୍ତି।



ବସ୍‌ଷ୍ଟାଣ୍ଡରେ ଥିବା ଷ୍ଟଲକୁ ସାଂସଦ (ପୁରୀ) ଡକ୍ଟର ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରି ଡକ୍ଟର ପାତ୍ର କହିଥିଲେ, 'ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ଖାଦ୍ୟ ଯୋଗାଇବା ଜିନ୍ଦଲ ଫାଉଣ୍ଡେସନର ପଦକ୍ଷେପ ଭାରତୀୟ ସଂସ୍କୃତିର ଆତ୍ମାକୁ ପ୍ରତିଫଳିତ କରେ, ଯେଉଁଠାରେ ତୀର୍ଥଯାତ୍ରୀଙ୍କ ସେବାକୁ ଈଶ୍ୱରୀୟ ସେବା ଭାବରେ ବିବେଚନା କରାଯାଏ। ଏହି ମହାନ ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ୧୧ ବର୍ଷର ନିରନ୍ତର ସମର୍ପଣକୁ ମୁଁ ପ୍ରଶଂସା କରୁଛି।'

ପୁରୀ ରେଳ ଷ୍ଟେସନ ନିକଟରେ ଥିବା ଷ୍ଟଲକୁ ଏଡିଆରଏମ ଡି.କେ. ବେହେରା, ବରିଷ୍ଠ ଏସଡିଏମ ଏସଡିଏମ୍ ଅନିଲ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ରେଳ ପ୍ରବନ୍ଧକ ଡି.କେ. ବେହେରା କହିଛନ୍ତି 'ଜିନ୍ଦଲ ଫାଉଣ୍ଡେସନ ଖାଦ୍ୟ ସେବାରେ ଏପରି ପରିମାଣ, ପରିଷ୍କାର ପରିଚ୍ଛନ୍ନତା ଏବଂ ମର୍ଯ୍ୟାଦା କିପରି ବଜାୟ ରଖିଛି ତାହା ଉଲ୍ଲେଖନୀୟ'। ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, 'ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ଗତ ୧୧ ବର୍ଷ ଧରି ଆମର ପ୍ରୟାସ ଜାରି ରହିଛି। ଭାରତର ଏହି ମହାନ ଆଧାତ୍ମିକ ପର୍ବ ଅବସରରେ ସେବା ପ୍ରଦାନର ସୁଯୋଗ ପାଇଁ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଉଛୁ।"

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେସନ୍ ୨୦୧୫ ମସିହାରୁ ରଥଯାତ୍ରା ମହୋତ୍ସବ ସମୟରେ ଭକ୍ତମାନଙ୍କୁ ସେବା କରିଆସୁଛି। ୨୬ ଜୁନ୍ ୨୦୨୫ରେ ନବଯୌବନ ଦର୍ଶନ ଦିନ ଆରମ୍ଭ ହୋଇଥିବା ଏହି ସେବା ୬ ଜୁଲାଇ ୨୦୨୫ରେ ସୁନାବେଶ ପର୍ଯ୍ୟନ୍ତ ଜାରି ରହିଥିଲା।

ଖାଦ୍ୟ ସେବା ବ୍ୟତୀତ, ଜିନ୍ଦଲ ଫାଉଣ୍ଡେସନ ଭକ୍ତମାନଙ୍କ ପାଇଁ ଦଶ ହଜାର ଓଆରଏସ ପକେଟ ବଣ୍ଟନ କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟୋଜିତ ଆଗଧାଡ଼ିର ସ୍ୱେଚ୍ଛାସେବୀଙ୍କ ସହାୟତା ପାଇଁ, ଫାଉଣ୍ଡେସନ ୬୦୦ ରେନକୋଟ୍ ମଧ୍ୟ ପ୍ରଦାନ କରିଛି। ଭକ୍ତମାନଙ୍କୁ ପାଣି ବଣ୍ଟନ ପାଇଁ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ତିନୋଟି ଥଣ୍ଡା ପାନୀୟ ଜଳ ଯାନ ନିୟୋଜିତ କରାଯାଇଛି । ପବିତ୍ର ରଥଯାତ୍ରାକୁ ଆସୁଥିବା ଭକ୍ତମାନଙ୍କ ସୁବିଧା ପାଇଁ ଫାଉଣ୍ଡେସନ, ଜିଲ୍ଲା ପ୍ରଶାସନକୁ ୫୦ଟି ବାୟୋ-ଟଏଲେଟ୍ ଯୋଗାଇଦେଇଛି। ବିଗତ ବର୍ଷଗୁଡିକରେ ମଧ୍ୟ ଏହି ସୁବିଧାମାନ ଜିଲ୍ଲା ପ୍ରଶାସନକୁ ଯୋଗାଇ ଦିଆଯାଇଥିଲା।

# ରେଳ ଟ୍ରାକ୍‌ରେ ବିପଜ୍ଜନକ ଷ୍ଟଣ୍ଟ ରିଲ୍ ତିଆରି ବିରୁଦ୍ଧରେ ଜନସାଧାରଣଙ୍କୁ ସତର୍କ ଓ ସଚେତନତା ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ରେଳ ଟ୍ରାକ୍‌ରେ ସୋସିଆଲ ମିଡିଆ ରିଲ୍ କିମ୍ବା ଷ୍ଟଣ୍ଟ ଭିଡିଓ ତିଆରି କରିବାର ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସ ବିରୁଦ୍ଧରେ ଏହାର ନିରନ୍ତର ସଚେତନତା ଅଭିଯାନ ଜାରି ରଖିଛି ଯାହା ଜୀବନ ଏବଂ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ।

ଏକ ସାମ୍ପ୍ରତିକ ଘଟଣାରେ, ତା ୦୫.୦୭.୨୦୨୫ ରିଖରେ ଏକ ବିଶ୍ୱସ୍ତ ସୂତ୍ରରୁ ଏକ ଅଡିଓ-ଭିଡିଓ କ୍ଲିପ୍ ରେଳପଥର ହସ୍ତଗତ ହୋଇଛି। ଭିଡିଓରେ ଜଣେ ବାଳକ ରେଳ ଟ୍ରାକର କଂକ୍ରିଟ୍ ସ୍ଲିପର ମଧ୍ୟରେ ଶୋଇଥିବା ଦେଖାଯାଇଥିଲା ଯେତେବେଳେ ଏକ ଟ୍ରେନ୍ ଟ୍ରାକ୍ ଉପରେ ଯାତ୍ରା କରୁଥିଲା। ବଲାଙ୍ଗୀରର ରେଳବାଇ ସୁରକ୍ଷା ବଳ ଇନ୍ସପେକ୍ଟରଙ୍କ ଅଧୀନରେ ରେଳ ସୁରକ୍ଷା ବଳ (ଆରପିଏଫ) ଦଳ ଦ୍ୱାରା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ପୁରୁଣାପାଣି ଷ୍ଟେସନରେ ପହଞ୍ଚି ସ୍ଥାନୀୟ ବାଉଁସୁନି ପୋଲିସ ଷ୍ଟେସନକୁ ଖବର ଦେଇଥିଲେ।



ଗ୍ରାମବାସୀଙ୍କ ସହିତ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୋଲିସର ମିଳିତ ତଦନ୍ତ ପରେ ପୁରୁଣାପାଣି ନିକଟସ୍ଥ ଏକ ଗ୍ରାମରୁ ସମ୍ପୃକ୍ତ ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ଜଣାପଡିଲା ଯେ ବୌଦ୍ଧ (ଓଡ଼ିଶା) ଜିଲ୍ଲା ବାଉଁସୁନି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୨ ବର୍ଷୀୟ କିଶୋର ତା ୨୯.୦୬. ୨୦୨୫ ରିଖରେ ତାଙ୍କ ବନ୍ଧୁଙ୍କ ସହିତ ରେଳ ଟ୍ରାକ୍‌କୁ ଯାଇଥିଲେ, ଯେଉଁଠାରେ ସେ ଟ୍ରାକରେ ପଡ଼ି ଜୀବନ ପ୍ରତି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିଥିଲେ ଏବଂ ତାଙ୍କର ୧୫ ବର୍ଷ ବୟସର ବନ୍ଧୁ ଭିଡିଓ ରେକର୍ଡ କରିଥିଲେ।

ଆରପିଏଫ ଦଳ, ଗ୍ରାମବାସୀ ଏବଂ ପିଲାମାନଙ୍କ ପିତାମାତା/ଅଭିଭାବକଙ୍କ ସହିତ ପୁରୁଣାପାଣି ଓ ଝାରମୁଣ୍ଡା ରେଳ ଷ୍ଟେସନ ମଧ୍ୟରେ ଅବସ୍ଥିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଆବଶ୍ୟକୀୟ ଔପଚାରିକତା ପରେ, ପିଲାମାନଙ୍କୁ, ସେମାନଙ୍କ ପିତାମାତା/ଅଭିଭାବକଙ୍କ ସହିତ, ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗୀର ଆରପିଏଫ ପୋଷ୍ଟକୁ ନିଆଯାଇଥିଲା। ତେଣୁ ରେଳବାଇ ଆଇନ, ୧୯୮୯ ର ଧାରା ୧୫୩, ୧୪୫(ଭ) ଏବଂ ୧୪୭ ଅନୁଯାୟୀ ଉଭୟ ନାବାଳକଙ୍କ ବିରୁଦ୍ଧରେ ମାମଲା ନଂ. ସିଆସି/୪୩୯ ରୁଜୁ କରାଯାଇଛି : କିଶୋର ମାନଙ୍କର ପିତାମାତା/ଅଭିଭାବକଙ୍କ ତତ୍ତ୍ୱାବଧାନରେ କିଶୋର ନ୍ୟାୟ ଆଇନ ଅନୁଯାୟୀ ଅଧିକ ଆଇନଗତ ପ୍ରକ୍ରିୟା ଚାଲିଛି।

ପୂର୍ବତଟ ରେଳପଥ ପୁନରାବୃତ୍ତି କରୁଛି ଯେ ଏପରି କାର୍ଯ୍ୟ କେବଳ ବେଆଇନ ନୁହେଁ ବରଂ ଏହା ମାରାତ୍ମକ ଦୁର୍ଘଟଣା ମଧ୍ୟ ଆଣିପାରେ। ରେଳପଥ ଷ୍ଟଣ୍ଟ କିମ୍ବା ସାମାଜିକ ଗଣମାଧ୍ୟମ ବିଷୟବସ୍ତୁ ସୃଷ୍ଟି ପାଇଁ ସ୍ଥାନ ନୁହେଁ। ମନୋରଞ୍ଜନ ପାଇଁ ରେଳପଥ ଉପରେ ଅନଧିକାର ପ୍ରବେଶ ଜୀବନକୁ ଅତ୍ୟନ୍ତ ବିପଦରେ ପକାଇଥାଏ ଏବଂ ରେଳ କାର୍ଯ୍ୟକୁ ବାଧାପ୍ରାପ୍ତ କରିଥାଏ।

ରେଳପଥ ଷ୍ଟେସନ, ଶିକ୍ଷାନୁଷ୍ଠାନ, ରେଳ ଲାଇନର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଏବଂ ଡିଜିଟାଲ୍ ଏବଂ ପ୍ରିଣ୍ଟ୍ ମିଡିଆ ମାଧ୍ୟମରେ ଏପରି କାର୍ଯ୍ୟକଳାପର ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିରନ୍ତର ସୁରକ୍ଷା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି।

ରେଳପଥ ସମସ୍ତ ନାଗରିକଙ୍କୁ, ବିଶେଷକରି ପିତାମାତା ଏବଂ ଶିକ୍ଷକମାନଙ୍କୁ, ପିଲାମାନଙ୍କୁ ଏପରି ବେପରୁଆ କାର୍ଯ୍ୟ ବିରୁଦ୍ଧରେ ପରାମର୍ଶ ଦେବାକୁ ଅନୁରୋଧ କରୁଛି। ସାମାଜିକ ଗଣମାଧ୍ୟମର ଖ୍ୟାତି ପାଇଁ ଜୀବନ ଏବଂ ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା ଯୋଗ୍ୟ ନୁହେଁ।

'ଆପଣଙ୍କ ଜୀବନ ମୂଲ୍ୟବାନ। ରେଳ ଟ୍ରାକ ନିକଟରେ କିମ୍ବା ଏହା ଉପରେ ଷ୍ଟଣ୍ଟ କରନ୍ତୁ ନାହିଁ। ସୁରକ୍ଷିତ ରୁହନ୍ତୁ, ରେଳ ଲାଇନରୁ ଦୂରରେ ରୁହନ୍ତୁ'।

# ଚତୁର୍ଥ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ପାଇଁ ବାହୁଡ଼ାରେ ଜଗନ୍ନାଥଙ୍କ ନିକଟରେ ଉନ୍ମୋଚିତ ହେଲା ପୋଷ୍ଟର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନବିନ ସୁତ୍ରଧର ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଚତୁର୍ଥ ବର୍ଷ ପାଇଁ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ଫଟୋଗ୍ରାଫି ପ୍ରତି ରୁଚିଥିବା ବନ୍ଧୁମାନଙ୍କ ନିକଟରୁ ଫଟୋ ଆହ୍ୱାନ କରାଯାଉଛି। ଯାହାର ଶୁଭାରମ୍ଭ ପବିତ୍ର ବାହୁଡ଼ା ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପୋଷ୍ଟର ଲୋକାର୍ପଣ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନ ପରିସରରେ ଆସନ୍ତା ଅଗଷ୍ଟ ମାସ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ଦୁଇଟି ବିଭାଗ ରେ ୬ଟି ବିଷୟ ବସ୍ତୁ ଉପରେ ଫଟୋ ଆହ୍ୱାନ କରାଯାଉଛି। ଯାହାକି ଅଗଷ୍ଟ ମାସ ୧୦ ତାରିଖ ସୁଦ୍ଧା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ମେଲ (nbnthesutradhar@gmail.com/mob-9439614677) ଠିକଣାରେ ପଠାଇବାକୁ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ପ୍ରକାଶ କରିଛନ୍ତି। ଏହି ଅବସରରେ ଫଟୋଗ୍ରଫର୍ ମାନଙ୍କ ପାଇଁ ଏକ ଜାତୀୟ କର୍ମଶାଳା ଉକ୍ତ ସ୍ଥାନରେ ଅନୁଷ୍ଠିତ ହେବା ସହ ଶେଷ ଦିନରେ ପ୍ରଦର୍ଶିତ ଫଟୋ ମଧ୍ୟରୁ ଜୁରିମାନଙ୍କ ଦ୍ୱାରା ଶ୍ରେଷ୍ଠ ଫଟୋ ଫଟୋଗ୍ରଫରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ତେଣୁ ଫଟୋଗ୍ରାଫି ଭଳି ଏକ ସୁନ୍ଦର କଳାର ଦକ୍ଷତା ଥିବା ସମସ୍ତଙ୍କୁ ଏଥିରେ ବହୁ ସଂଖ୍ୟାରେ ଭାଗ ନେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଉଛି।

ଭୁବନେଶ୍ୱର
୦୭ ଜୁଲାଇ,
ସୋମବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27





ପୁରୀ : ଶ୍ରୀଜୀଉଙ୍କ ଦୁର୍ଲଭ ସୁନାବେଶ ପାଇଁ ସେବାୟତମାନେ ଶ୍ରୀମନ୍ଦିରରୁ ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ରଥକୁ ଆଣୁଛନ୍ତି । (ଫଟୋ : ସମ୍ବାଦ କଳିକା)











# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୦୬/୦୭**
**ନ୍ୟୁଜ ବ୍ୟୁରୋ**

ମୁମ୍ବାଇର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି । ଏ ନେଇ ଦଳର ବରିଷ୍ଠ ନେତା ସୂଚନା ଦେଇଛନ୍ତି । ଖୁବ୍‌ଶୀଘ୍ର ସେ ଭୁବନେଶ୍ୱର ଫେରିବେ । ଭୁବନେଶ୍ୱର ଫେରିବା ଦିନ ବିଜେଡି ପକ୍ଷରୁ ତାଙ୍କୁ ବିମାନବନ୍ଦରରୁ ପାଛୋଟି ନେବା ପାଇଁ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମ କରିବାକୁ ଯୋଜନା ଚାଲିଥିବା ସୂଚନା ମିଳିଛି । ନବୀନ ସୁସ୍ଥ ହୋଇ ଫେରୁଥିବାରୁ ହଜାର ହଜାର କର୍ମୀ ତାଙ୍କୁ ସ୍ୱାଗତ ଜଣାଇବାକୁ ବିମାନବନ୍ଦରରେ ପହଞ୍ଚିବେ ।

ସର୍ଭାଇକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ପାଇଁ ଗତ ୨୦ ତାରିଖରେ ନବୀନ ଭୁବନେଶ୍ୱରରୁ ମୁମ୍ବାଇ ଗସ୍ତ କରିଥିଲେ । ବିଶିଷ୍ଟ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁବାଇ ଅମ୍ବାନୀ ହସ୍ପିଟାଲରେ ଗତ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା ।

# ଶ୍ରୀବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ ସଂପନ୍ନ



**ଭୁବନେଶ୍ୱର, ୬ । ୭**
**ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସଂପନ୍ନ ହୋଇଯାଇଛି । ଏଠାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ମଧ୍ୟ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା । ବାହୁଡ଼ାରେ ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀକ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ । ଆଜି ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ସମାଗମ ହୋଇଥିଲା । ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇଥାଏ । ଭକ୍ତମାନେ ଆଜି ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ । ସୁନାବେଶରେ ସାଧାରଣତଃ ଠାକୁରମାନଙ୍କର ଶ୍ରୀପୟର, ଶ୍ରୀଭୂଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥାଏ । ପରମ୍ପରା ଅନୁସାରେ ଉପରୋକ୍ତ ସ୍ୱର୍ଣ୍ଣ ଅଳଙ୍କାରମାନ ଠାକୁରଙ୍କ ଦେହରେ ଶୋଭା ପାଇଥିଲା । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ସନ୍ଧ୍ୟାରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧ୍ୟାତ୍ମିକମୟ କରି ତୋଳିଥିଲା । ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ଟ୍ରାଫିକ ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

**ପୁରୀ, ୬/୭ ନ୍ୟୁଜ ବ୍ୟୁରୋ**

ରବିବାର ମହାପ୍ରଭୁଙ୍କ ସୁନାବେଶ ଥିବାରୁ ରଥାରୂଢ଼ ଶ୍ରୀଜୀଉ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ୫ଟାରେ ସୁନାବେଶ ଆରମ୍ଭ ହୋଇ ନୀତି ନିର୍ଘଣ୍ଟ ହୋଇଥିଲା । ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇଥିଲେ । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆଗମନ ହେବାରେ ଲାଗିଥିଲା । ପ୍ରବଳ ଜନସମାଗମ ଓ ଜନ ସାଧାରଣଙ୍କ ଯାତାୟାତର ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷରେ ପୁରୀକୁ ଆସୁଥିବା ସମସ୍ତ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଓ ପାର୍କିଂ ସ୍ଥଳର ସମୀକ୍ଷା କରିଥିଲେ । ଏହି ଅବସରରେ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ରବିବାର ସକାଳୁ ହଜାର ହଜାର ଭକ୍ତ ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ରଥ ସମ୍ମୁଖରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ଅନେକ ଭକ୍ତ ସୁନାବେଶ ଭିଡ ପାଇଁ ଆଗୁଆ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ । ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଲାଗିବା ପରେ ରଥ ଉପରେ ମହାପ୍ରଭୁଙ୍କୁ ଭକ୍ତମାନେ ଦର୍ଶନ କରିଛନ୍ତି । ଅଧିକ ଭକ୍ତଙ୍କ ଆଗମନ ହୋଇ ଥିବାରୁ ଭକ୍ତମାନେ ଯେଭଳି ଶ୍ରୀଜୀଉଙ୍କ ଦର୍ଶନରୁ କେହି ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ଶନିବାର ଠାକୁରଙ୍କ ରାତ୍ରି ପହୁଡ଼ ନୀତି ହୋଇନଥିଲା । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଦଳାଚକଟା ଘଟି ୩ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଯୋଗୁଁ ପ୍ରଶାସନ



ଏଥି ପାଇଁ ସତର୍କ ରହିଥିଲା । ଗତ ରାତିରେ ଅଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖାଯାଇ ମହାପ୍ରଭୁଙ୍କ ରାତ୍ରି ପହୁଡ଼ ନୀତି ହୋଇନଥିଲା । ଏହା ଦ୍ୱାରା ଭକ୍ତ ଭିଡ କମ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଆଶା ରଖିଥିଲେ । ରବିବାର ସୁନାବେଶ ପାଇଁ ପୁରୀ ସହରରେ ଥିବା ପାର୍କିଂସ୍ଥଳି ପୂର୍ଣ୍ଣ ହୋଇଯାଇଥିଲା । କେବଳ ତାଳବଣିଆ ଓ ଷ୍ଟର୍ଲିଂ ପାର୍କିଂରେ ଗାଡି ରଖିବା ପାଇଁ ଅନୁମତି ଦିଆଯାଇଥିଲା । ଭେଇକିଲ ପାସ ଗୁଡ଼ିକୁ ରଦ୍ଦ କରାଯାଇଥିବା ନେଇ ଓଡ଼ିଶା ପୋଲିସ ସୋସିଆଲ ମିଡ଼ିଆ ଆକାଉଣ୍ଟ ଏକ୍ସରେ ସୂଚନା ଦିଆଯାଇଥିଲା । ପୁରୀକୁ ଆସୁଥିବା ଭକ୍ତମାନେ ମାଳତୀପାଟପୁର ନିକଟରେ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଭକ୍ତମାନେ ନିଜ ଯୋଜନା ପ୍ରସ୍ତୁତ କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଥିଲା । ସେପଟେ ଟ୍ରାଫିକ ପରିଚାଳନା ପାଇଁ ଏଆଇ କ୍ୟାମେରାର ସହାୟତା ନେଇଛି ପୋଲିସ । ପୁରୀ ଭୁବନେଶ୍ୱର, ପୁରୀ କୋଣାର୍କ, ପୁରୀ ସହରରେ ମୋଟ ୨୭୫ଟି ଏଆଇ କ୍ୟାମେରା ଲଗାଯାଇଛି । ଟ୍ରାଫିକ ଓ ଭିଡ ନିୟନ୍ତ୍ରଣ ପାଇଁ ଡ୍ରୋନ ମଧ୍ୟ ପୋଲିସ ପକ୍ଷରୁ ବ୍ୟବହାର କରାଯାଇଛି । ପୋଲିସର ଟ୍ରାଫିକ ନିୟମାବଳୀକୁ ମାନିବାକୁ ପୁରୀ ଆସୁଥିବା ଭକ୍ତ ଓ ଯାତ୍ରୀଙ୍କୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା । ସେପଟେ କଣ୍ଟ୍ରୋଲ ରୁମ୍‌ରେ ରହି ଟ୍ରାଫିକ ପରିଚାଳନା ବ୍ୟବସ୍ଥା ନିଜେ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଅନୁଧ୍ୟାନ କରିଥିଲେ । ସେହିପରି ଆଟ୍ଲାନ୍ ମୋଡ଼ରେ ପୁରୀ ଆଞ୍ଚଳିକ ପରିବହନ ବିଭାଗ । ବିଭାଗ ପକ୍ଷରୁ ଏକ କୋଟି ୧୨ ଲକ୍ଷ ୧୪ ହଜାର ୧୯୮ ଟଙ୍କା ଫାଇନ ଆଦାୟ କରାଯାଇଛି । ୨୦୭୮ଟି ଚାଲାଣ କଟା ଯାଇଛି । ରାଜ୍ୟ ପରିବହନ ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ଏବଂ ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପରାମର୍ଶ ଅନୁସାରେ ଗତ ୨୭ ତାରିଖରୁ ସୁନାବେଶ ଯାଏଁ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ଉ କରାଯାଇଥିଲା । ଦ୍ରୁତ ଗତିରେ ଚଳାଉଥିବା ଯାନବାହନ, ଓଭର ଲୋଡ଼ିଂ ଗାଡ଼ି, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଅଟକାଇ ସମସ୍ତ କାଗଜ ପତ୍ର କଡାକଡ଼ି ଯାଞ୍ଚ କରାଯାଇ ୨୦୭୮ଟି ଚାଲାଣ କଟାଯାଇଥିବା ବେଳେ ସମୁଦାୟ ୧ କୋଟି ୧୨ ଲକ୍ଷ ୧୪ ହଜାର ୧୯୮ ଟଙ୍କା ଫାଇନ ଆଦାୟ କରାଯାଇଥିଲା । ସହରର ସମୁଦ୍ର କୂଳ ଓ ବିଭିନ୍ନ ଥାନା ଅଞ୍ଚଳରେ ପୁରୀ ଆର୍‌ଟିଓ ଓ ରାଜ୍ୟର ସମସ୍ତ ଜିଲ୍ଲାର ପରିବହନ ବିଭାଗ ଅଫିସର କର୍ମଚାରୀଙ୍କ ମିଳିତ ସହଯୋଗରେ ଅମାନିଆ ଅଟୋ ଚାଳକଙ୍କ ଉପରେ ମିଳିତ ଚଢଉ କରାଯାଇଥିଲା । ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଚାଲି ଥିବାରୁ ଅଟୋ ଗାଡ଼ିମାନଙ୍କର ଅପଡେଟ ଲାଇସେନ୍ସ ସହିତ ପାର୍କିଂ ନିୟମ, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର ନ କରିବା, ନିର୍ଦ୍ଧାରିତ ଦର ଆକାରରେ ଭଡ଼ା ନେବା, ଯାତ୍ରୀ ଓ ପର୍ଯ୍ୟଟକଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ଇତ୍ୟାଦି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆରଟିଓ ତାଗିଦ୍ କରିଥିଲେ । ପୁରୀ ଆରଟିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚଢଉ ବେଳେ ଅଟୋ ଚାଳକ ସବୁ ଛାନିଆ ହୋଇ ଯାଇଥିବା ଦେଖାଯାଇଥିଲା ।

# ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଗ୍ରନ୍ଥାଗାର ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ



**ଭୁବନେଶ୍ୱର, ୬/୭**
**ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସମ୍ପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଗ୍ରନ୍ଥାଗାର ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି । ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଗ୍ରନ୍ଥାଗାର ଓ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମିତ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ବ୍ୟବସ୍ଥା କରାଯିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ସୁଯୋଗ ପ୍ରଦାନ କରିଛି । ଏହାର ନିର୍ମାଣ କିପରି ଗୁଣାତ୍ମକ ଓ ଆକର୍ଷଣୀୟ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ । ଖୁବ୍‌ଶୀଘ୍ର ପରବର୍ତ୍ତୀ ବୈଠକ ଡକାଯାଇ ଆଲୋଚନା ପୂର୍ବକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୁରୀ ଜିଲ୍ଲାପାଳ ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ସମସ୍ୟା

**କଟକ, ୦୬/୦୭ ନ୍ୟୁଜ ବ୍ୟୁରୋ**

୧୮୬୯ ମସିହାରେ ସ୍ଥାପିତ ହୋଇଥିଲା କଟକ ସ୍ଥିତ ମଧୁସୂଦନ ଆଇନ କଲେଜ । ଗତ ଏପ୍ରିଲ ୨୮, ୨୦୨୧ ମସିହାରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ହାସଲ କରିଛି । ହେଲେ ବଡ଼ କଥା ହେଉଛି, ଆଜି ଏଠାରେ ଛାତ୍ରଛାତ୍ରୀ ନାନାଦି ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ମଧୁସୂଦନ ଆଇନ ମହାବିଦ୍ୟାଳୟକୁ ୫ ବର୍ଷ ହେବ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଲାଣି । ମାତ୍ର ଏଯାବତ ଏହାର ହଷ୍ଟେଲ ନିର୍ମାଣ ହୋଇପାରି ନାହିଁ । ଏବେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଗୋଟିଏ ବି ହଷ୍ଟେଲ ନିର୍ମାଣ ହୋଇ ପାରିନାହିଁ । ପ୍ରତ୍ୟକ ବର୍ଷ ଯେଉଁ ଛାତ୍ରଛାତ୍ରୀ ଆଇନରେ ପଢିବା ପାଇଁ ଆଡମିଶନ କରୁଛନ୍ତି, ସେମାନେ ହଷ୍ଟେଲ ସମସ୍ୟାକୁ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଯେଉଁ ଛାତ୍ରଛାତ୍ରୀ ବାହାର ଜିଲ୍ଲାରୁ ଆସି ଆଡ଼ମିଶନ କରୁଛନ୍ତି, ସେମାନଙ୍କ ପାଇଁ ଏହା ବଡ଼ ସମସ୍ୟା ହେଉଛି । କାରଣ ଏଠାରେ ପାଠପଢ଼ିବା ପାଇଁ ହେଲେ ବେସରକାରୀ ହଷ୍ଟେଲ କିମ୍ବା ଘର ଭଡା ନେଇ ରହିବାକୁ ପଡିଥାଏ । ବିଶ୍ୱବିଦ୍ୟାଳୟ ପାଖରେ ଯଦି ଘରଭଡା କିମ୍ବା ପ୍ରାଇଭେଟ ହଷ୍ଟେଲ ମିଳିଗଲା ତ ଭଲ କଥା । ନଚେତ ଟିକେ ଦୂରରେ ମିଳିଲେ ଜଣେ ଛାତ୍ରୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଯାଏ । ପ୍ରଥମ କଥା ହେଲା ଘରଭଡା କିମ୍ବା ପ୍ରାଇଭେଟ ହଷ୍ଟେଲ ଖୋଜାଖୋଜି କରିବା ପାଇଁ ଜଣେ ନୂଆ ଛାତ୍ର କିମ୍ବା ଛାତ୍ରୀଙ୍କ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି ହୋଇଥାଏ । ସେହିପରି ଯଦି ହଷ୍ଟେଲ ମିଳିଲା ତେବେ ଜଣେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ବହୁ ବ୍ୟୟ ବହୁଳ ହୋଇଥାଏ । ଏମିତିକି କିଛ କିଛି ଛାତ୍ରଛାତ୍ରୀ ଆଡ଼ମିଶନ ପରେ ଦୈନିକ ୧୫୦ କିମ୍ବା ୨୦୦ କିଲୋମିଟର ଦୂରରୁ ଯିବା ଆସିବା କରିଥାନ୍ତି । ଫଳରେ ସମୟ ନଷ୍ଟ ହୋଇଥାଏ ବୋଲି କିଛି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ବିଶ୍ୱବିଦ୍ୟାଳୟ ପୂର୍ବରୁ ଯେତେବେଳେ କଲେଜ ଥିଲା ସେତେବେଳେ ଗୋଟିଏ ଛାତ୍ରାବାସ ଥିଲା । ମାତ୍ର ବିଶ୍ୱବିଦ୍ୟାଳୟ ହେବା ପରେ ଉକ୍ତ ହଷ୍ଟେଲକୁ ରକ୍ଷଣାବେକ୍ଷଣ ନାଁରେ ଭାଙ୍ଗି ଦିଆଯାଇଛି । ତେବେ ବିଶ୍ୱବିଦ୍ୟାଳୟର ନିଜସ୍ୱ ହଷ୍ଟେଲ କରିବାକୁ ଦାବି କରିଛନ୍ତି ଛାତ୍ରଛାତ୍ରୀ । ଅନ୍ୟପଟେ ବିଶ୍ୱବିଦ୍ୟାଳୟର କୂଳସଚିବ ନିରୂପମା ସ୍ୱାଇଁ କହିଛନ୍ତି, 'ଖୁବ୍‌ଶୀଘ୍ର ୩୦୦ ବେଡ୍ ବିଶିଷ୍ଟ ଏକ ଲେଡିଜ ହଷ୍ଟେଲ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାର କାର୍ଯ୍ୟ ମଧ ଖୁବ୍‌ଶୀଘ୍ର ଆରମ୍ଭ ହେବ । ସେହିପରି ଛାତ୍ରମାନଙ୍କ ପାଇଁ ହଷ୍ଟେଲ ନିର୍ମାଣର ବର୍ତ୍ତମାନ କୌଣସି ଯୋଜନା ନାହିଁ । ଏଥିରେ ମୁଖ୍ୟ ସମସ୍ୟା ହେଉଛି ଜମି । ଆମେ ତହସିଲଦାରଙ୍କୁ ଜମି ବିଷୟରେ କହିଛୁ । ଜମି ମିଳବା କ୍ଷଣି ବୟେଜ ହଷ୍ଟେଲ ମଧ ନିର୍ମାଣ ହେବ ବୋଲି ସେ କହିଛନ୍ତି । ତେବେ ଖୁବଶୀଘ୍ର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସମସ୍ୟାର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଜନା କରୁଥିବା କୂଳସଚିବ କହିଛନ୍ତି ।

# ଭାରତ ଆସି କିଡ୍‌ନୀ ବିକୁଛନ୍ତି ବାଂଲାଦେଶୀ

**ଢାକା/ନୂଆଦିଲ୍ଲୀ, ୦୬/୦୭**

ବାଂଲାଦେଶର ଉତ୍ତର-ପଶ୍ଚିମ ଜିଲ୍ଲା ଜୟପୁରହାଟସ୍ଥିତ ଏକ ଛୋଟ ଗ୍ରାମ ବାଝଗୁନୀ । ଏବେ ଏହା 'ୱାନ୍ କିଡ୍‌ନୀ ଭିଲେଜ' ନାମରେ ପରିଚିତ । ଏଭଳି ନାମକରଣ ପଛରେ ବଡ଼ କାରଣ ହେଉଛି ଏଠାରେ ପ୍ରତି ୩୫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନିଜ କିଡ୍‌ନୀ ବିକ୍ରି କରିଦେଉଛନ୍ତି । ସମ୍ପୂର୍ଣ୍ଣ ଗ୍ରାମ କିଡ୍‌ନୀ ତସ୍କରୀର ଶିକାର ହୋଇଛି । ରିପୋର୍ଟ ଦର୍ଶାଇଛି ଯେ ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ବେଆଇନ ଅଙ୍ଗ ତସ୍କରୀ ର୍‍ୟାକେଟ ଅନେକ ପରିବାରକୁ ବରବାଦ କରିଦେଇଛି । ୪୫ ବର୍ଷୀୟ ସଫିରୁଦ୍ଦିନ୍ ଏହି ଗ୍ରାମର ନିବାସୀ । ଗତବର୍ଷ ଗ୍ରୀଷ୍ମଦିନରେ ସେ ଭାରତ ଆସି ୨.୫ ଲକ୍ଷ ଟଙ୍କାରେ ନିଜ କିଡ୍‌ନୀ ବିକ୍ରି କରିଦେଇଥିଲେ । ଦାରିଦ୍ର୍ୟରୁ ମୁକୁଳିବା ଏବଂ ନିଜ ପିଲାଙ୍କ ପାଇଁ ଘର ବନାଇବାକୁ ସେ



ଏତେ ବଡ଼ ପଦକ୍ଷେପ ନେଇଥିଲେ । କିନ୍ତୁ ତାଙ୍କର ଏହି ପଦକ୍ଷେପ ବେଶ୍ ମହଙ୍ଗା ପଡ଼ିଛି । ତାଙ୍କ ଘରତୋଳା ଅଧା ପଡ଼ିଛି ଏବଂ ଶରୀରରେ ଲଗାତର ଯନ୍ତ୍ରଣା ହେଉଛି । ସେ କାମ କରିବାର ସାମର୍ଥ୍ୟ ବି ହରାଇ ବସିଛନ୍ତି ।

ଏ ନେଇ ସଫିରୁଦ୍ଦିନ୍ କୁହନ୍ତି, ''ଦଲାଲମାନେ କହିଥିଲେ ଯେ ଅଙ୍ଗଦାନ ଅତ୍ୟନ୍ତ ସହଜ । ଏଥିରେ କୌଣସି ଅସୁବିଧା ହେବନାହିଁ । ଗୋଟିଏ କିଡ୍‌ନୀରେ ମଧ ସାରା ଜୀବନ ବଞ୍ଚିହେବ । ମୁଁ ସେମାନଙ୍କ କଥାରେ ରାଜି ହୋଇଥିଲି । କିନ୍ତୁ ଅସ୍ତ୍ରୋପଚାର ପରେ ମୋ ପାସ୍‌ପୋର୍ଟ, ମେଡିକାଲ ଚିଠା ଏବଂ ଔଷଧ କେଉଁଆଡ଼େ ଗାୟବ ହୋଇଯାଇଛି । ଏବେ କାହାକୁ ନିଜ ଦୁଃଖ ଜଣାଇବି, ଭାବିପାରୁ ନାହିଁ ।''

ଭାରତରେ ମାନବ ଅଙ୍ଗ ପ୍ରତିରୋପଣ ଆଇନ (ଟିଏଚ୍‌ଓଏ), ୧୯୯୪ ମୁତାବକ କିଡ୍‌ନୀ ଦାନ କେବଳ ନିକଟ ସମ୍ପର୍କୀୟ କିମ୍ବା ସରକାରଙ୍କ ଅନୁମତିରେ ହିଁ କରାଯାଇ ପାରିବ । କିନ୍ତୁ ଦଲାଲମାନେ ନକଲି ଦସ୍ତାବିଜ ଓ ସମ୍ପର୍କୀୟଙ୍କ ଭୁଲ ପ୍ରମାଣପତ୍ର ଜରିଆରେ ଏହି ନିୟମକୁ ଚକ୍‌ମା ଦେଉଛନ୍ତି । ଡବ୍ଲ୍ୟୁଏଚ୍‌ଓର ବିଶେଷଜ୍ଞ ମୋନିର ମନିରୁଜ୍ଜମାଙ୍କ ମୁତାବକ, ଜାଲ ପରିଚୟପତ୍ର, ନୋଟାରି ପ୍ରମାଣପତ୍ର ଓ ଡିଏନ୍‌ଏ ରିପୋର୍ଟ ପର୍ଯ୍ୟନ୍ତ ସବୁ ବନାଯାଉଛି । ହସ୍ପିଟାଲଗୁଡ଼ିକ ମଧ ଜାଣିପାରୁ ନାହାନ୍ତି ତାହା ଅସଲି କି ନକଲି ପ୍ରମାଣପତ୍ର । କିଛି ହସ୍ପିଟାଲ ଜାଣିଶୁଣି ଏହାକୁ ନଜରଅନ୍ଦାଜ କରିଦେଉଛନ୍ତି । ବିନାଇ ଗ୍ରାମର ଜୋଶନା ବେଗମ୍ ଓ ତାଙ୍କ ପତି ବେଲାଲଙ୍କୁ ୨୦୧୯ରେ ଜଣେ ଦଲାଲ ଭାରତ ଆଣି କୋଲକାତାର ଏକ ହସ୍ପିଟାଲରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଇଥିଲେ । ଦଲାଲ ତାଙ୍କୁ ପ୍ରଥମେ ୭ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଅସ୍ତ୍ରୋପଚାର ପରେ ୩ ଲକ୍ଷ ଟଙ୍କା ଦିଆଯାଇଛି । ଜୋଶନା କୁହନ୍ତି, ବାକି ଟଙ୍କା ଦେବା ଦୂର କଥା, ପାସ୍‌ପୋର୍ଟ ବି ଫେରାଉ ନାହାନ୍ତି । ପରେ ସ୍ୱାମୀ ବେଲାଲ ମୋତେ ଛାଡ଼ି ପଳାଇଛନ୍ତି । ଜୋଶନା ହିଁ ସ୍ୱାମୀ ଓ ଦଲାଲଙ୍କ କଥାରେ ରାଜି ହୋଇ ନିଜ କିଡ୍‌ନୀ ବିକିଥିଲେ । ଏବେ ସେ ହତାଶ ହୋଇପଡ଼ିଛନ୍ତି । ଔଷଧ କିଣିବାକୁ ସମ୍ବଳ ନାହିଁ । ଭାରୀ କାମ କରିବାକୁ ସେ ଅସମର୍ଥ । ଇ-କମର୍ସ ଜାଲିଆତିରେ ସର୍ବସ୍ୱ ହରାଇବା ପରେ ଢାକା ବ୍ୟବସାୟୀ ମହମ୍ମଦ ସଜଲ ୨୦୨୨ରେ ଦିଲ୍ଲୀରେ ନିଜ କିଡ୍‌ନୀ ବିକିଥିଲେ । ୮ ଲକ୍ଷ ପାଇବା ଆଶାରେ ସେ ଏଭଳି କରିଥିଲେ । ଠକାମିର ଶିକାର ହେବା ପରେ ସେ ନିଜେ ଦଲାଲ ସାଜି ଅନ୍ୟ ବାଂଲାଦେଶୀଙ୍କୁ କିଡ୍‌ନୀ ବିକିବାକୁ ପ୍ରୋତ୍ସାହିତ କରିଥିଲେ । ଏଭଳି ଅନେକ ଘଟଣା ସାମ୍ନାକୁ ଆସିବା ପରେ ବାଂଲାଦେଶ ପୁଲିସ ଅଙ୍ଗ ତସ୍କରୀ ନେଟ୍‌ୱାର୍କ ଉପରେ ଚଢ଼ଉ ଜୋରଦାର କରିଦେଇଛି । ଅନେକ ଦଲାଲ ଗିରଫ ହୋଇଛନ୍ତି ।

## ପୁରୀରେ ୧୦୩୦ଟି ସ୍ଥାନରେ ଚଢ଼ଉ

## ୨୩୪୮ କିଲୋ ଦୂଷିତ ଖାଦ୍ୟ ଜବତ

**ପୁରୀ, ୬/୭ ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ୟାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି । ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ବାହୁଡ଼ା, ସୁନାବେଶ ଏବଂ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁରହିଥିଲା । ପୁରୀ ଏବଂ ଆଖପାଖ ଅଞ୍ଚଳରେ ସଂକ୍ରମଣ ରୋଗର ପ୍ରତିରୋଧ ପାଇଁ ମଧ୍ୟ ବିଭିନ୍ନ ବିଭାଗମାନଙ୍କ ଦ୍ୱାରା କ୍ଷେତ୍ର ସ୍ତରୀୟ ସମନ୍ୱୟରେ ବ୍ୟାପକ ସଚେତନତା ଓ ପରିମଳ କାର୍ଯ୍ୟ ଚାଲୁରହିଛି । ଚଳିତ ବର୍ଷ ପୁରୀ ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬୫ଟି ନୂଆ ବେଡ୍ ସ୍ଥାପନ କରାଯାଇଛି । ଏହି ବେଡ୍‌କୁ ମିଶାଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୦୧ ବେଡ୍ ସହ ୨୭ ଆଇ.ସି.ୟୁର ବ୍ୟବସ୍ଥା କରାଯାଇଛି । ବଡ଼ଦାଣ୍ଡ, ସମୁଦ୍ରକୂଳ ସହ ପୁରୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ୬୯ଟି ଫାଷ୍ଟଏଡ କେନ୍ଦ୍ର (ସରକାରୀ -୩୨, ସ୍ୱେଚ୍ଛାସେବୀ-୩୭) ଖୋଲାଯାଇଛି । ଏହି କେନ୍ଦ୍ର ମାନଙ୍କରେ ଡାକ୍ତର, ପାରମେଡିକସ୍ ଏବଂ ସହାୟକ କର୍ମଚାରୀମାନେ ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ସହରର ସବୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ୭୪ଟି ଜରୁରୀକାଳୀନ ଆମ୍ବୁଲାନ୍ସ (ସରକାରୀ-୩୧, ସ୍ୱେଚ୍ଛାସେବୀ-୪୩) ରଖାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୩୭୧ ଜଣ ଡାକ୍ତର, ସ୍ପେସାଲିଷ୍ଟ, ୪୦୪ ଜଣ ପାରାମେଡ଼ିକସ୍ ଏବଂ ୩୭୦ ଜଣ ସହାୟକ ଷ୍ଟାଫ୍ ଭକ୍ତ, ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୨୪ ଘଣ୍ଟିଆ ଭିତ୍ତିରେ ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛନ୍ତି । ଏହାଛଡା ରାପିଡ୍ ରେସପନସ୍ ଟିମ୍‌ମାନ ଗଠନ କରାଯାଇଛି, ଯେଉଁମାନେ ଆବଶ୍ୟକ ମାତ୍ରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି । ସମ୍ଭାବ୍ୟ ସଂକ୍ରାମକ ରୋଗର ପ୍ରତିରୋଧ ନିମନ୍ତେ ପୁରୀ ପୌରପାଳିକା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ମିଳିତ ପ୍ରଚେଷ୍ଟାରେ ପରିମଳ ଓ ସଚେତନତା କାମକୁ ଅଧିକ ସଘନ କରାଯାଇଛି । ଖାଦ୍ୟ ନିରାପତ୍ତା ଟିମ୍‌ଗୁଡ଼ିକ ଖାଦ୍ୟ ଦ୍ରବ୍ୟ କାରବାର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସ୍ନାନ ପୂର୍ଣ୍ଣିମାରୁ ସୁନାବେଶ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତା ଟିମ୍ ମାନେ ୧୦୩୦ଟି ସ୍ଥାନରେ ଚଢ଼ଉ କରିଛନ୍ତି । ଏମାନଙ୍କ ମଧ୍ୟରୁ ୧୫ଟି ପାଣି ବୋତଲ ତିଆରି ପ୍ଲାଣ୍ଟ, ୨୦୨ ହୋଟେଲ, ୮୧୩ ବୁଲା ବିକାଳୀ/ରାସ୍ତା କଡ଼ ଦୋକାନୀ ଅନ୍ତର୍ଭୁକ୍ତ । ଏହି ଚଢଉ ମାଧ୍ୟମରେ ଖାଦ୍ୟ ନିରାପତ୍ତା ଟିମ୍ ୨୩୪୮ କିଲୋ ଦୂଷିତ ଖାଦ୍ୟ ଜବତ କରି ନଷ୍ଟ କରିବା ସହ ୧ ଲକ୍ଷ ୨ ହାଜର ୪୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି ।